ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୪ ଡିସେମ୍ବର, ୨୦୧୯



# ଧସୁଛି ନଦୀବନ୍ଧ ପଥର ପ୍ୟାକିଂ

- କୋଚିଲା ନଦୀର ଟର୍ନିଂ ପଏଣ୍ଟ ଏବେ ବିପଦ
- ଅଞ୍ଚଳବାସୀଙ୍କ ଦାବିକୁ ପ୍ରଶାସନର ଅଣଦେଖା
- କଂକ୍ରିଟ ୱାଲ୍ ନିର୍ମାଣ କରି ସ୍ଥାୟୀ ପ୍ରତିକାର କରିବାକୁ ଦାବି

ଧାମନଗର ୩।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ପଙ୍ଗଟା ସେଠୀସାହି ନିକଟ ଦାଣ୍ଡିମାହାରାଠାରେ ବୈତରଣୀର ଶାଖା କୋଚିଲା ନଦୀବନ୍ଧ ପାର୍ଶ୍ୱରେ ହୋଇଥିବା ପଥର ପ୍ୟାକିଂ କ୍ରମାଗତ ଭାବେ ଧସିଚାଲିଛି। ଏନେଇ ନଦୀର ଗତିପଥ ବଦଳିବା ଆଶଙ୍କାରେ ଗ୍ରାମବାସୀ ଦିନ ବିତାଉଛନ୍ତି। ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

ପଥର ପ୍ୟାକିଂ ଧସୁଥିବା ସ୍ଥାନର ଅନତି ଦୂର କୋଚିଲା ନଦୀର ପଙ୍ଗଟା ଗ୍ରାମ ନିକଟରେ ଏକ ଟର୍ନିଂ ପଏଣ୍ଟ ରହିଛି। ନଦୀଟି ଦକ୍ଷିଣରୁ ଉତ୍ତର ଦିଗ ହୋଇ ଏହି ସ୍ଥାନରେ ପୁଣି ପୂର୍ବ ଦିଗକୁ ମୋଡ ନେଇଛି। ବର୍ଷାଦିନେ ବନ୍ୟାଜଳ ମାଡରେ ଏହିଠାରେ ଏକ ବିରାଟ ଗଣ୍ଡ ସୃଷ୍ଟି ହୋଇଛି। ବନ୍ୟା ପରିସ୍ଥିତି ଉପୁଜିଲେ ସବୁବେଳେ ଗଣ୍ଡକୂଳରେ ଥିବା ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରିଆସୁଛି। ୨୦୧୭ରେ ଏଠାରେ ନଦୀବନ୍ଧ ଦବି ଯିବାରୁ ୨୦୧୮ରେ ଜଳସେଚନ ବିଭାଗ ତରଫରୁ ପଥର


ପଙ୍ଗଟା ଦାଣ୍ଡିମାହାରା ନିକଟରେ କୋଚିଲା ନଦୀବନ୍ଧ ପଥର ପ୍ୟାକିଂ ଧସି ପଡିଛି।

ପ୍ୟାକିଂ କାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ବନ୍ୟା ଛାଡିବା ପରଠାରୁ ଉକ୍ତ ସ୍ଥାନରେ ପଥର ପ୍ୟାକିଂ ନଦୀ ଗର୍ଭକୁ ଖସିପଡୁଥିବା ଜଣାପଡିଛି। ଏହାର ପ୍ରତିକାର କରା ନ ଗଲେ ନଦୀତଟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରି ସେଠୀସାହି ନଦୀଗର୍ଭରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି କରିଛି। ଗ୍ରାମର ସିପିଆଇଏମର ବ୍ଲକ କୃଷକସଭା ଉପସଭାପତି ଯୁଧିଷ୍ଠିର ମହାପାତ୍ର କହିଛନ୍ତି ଯେ, ଗତଥର ଯେଉଁ କାର୍ଯ୍ୟ ହୋଇଥିଲା ତାହାର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ନିମ୍ନମାନର ହେବା ଦେଖି ସେତେବେଳେ ନଦୀ ଶଯ୍ୟାରେ ବେସ୍ ତିଆରି ପାଇଁ ଲୋକେ ଦାବି କରିଥଲେ। ଏନେଇ ବିଭାଗ ସହିତ ଜିଲା ପ୍ରଶାନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଲୋକଙ୍କ ଦାବି ପ୍ରତି ଧ୍ୟାନ ନ ଦେଇ କାମ କରାଯିବାରୁ ନଦୀବନ୍ଧର ଅବସ୍ଥା ଏବେ ଶୋଚନୀୟ ହେବାରେ ଲାଗିଛି। ଜନବସତି ନିକଟରେ ଥିବା ଏହି ନଦୀ ବନ୍ଧରେ କଂକ୍ରିଟ ଓାଲ୍ କରାଯାଇ ତା' ଉପରେ ପଥର ପ୍ୟାକିଂ କରାଗଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବି କରୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ଦାସଙ୍କୁ ପଚାରିବାରୁ କହିଛନ୍ତି, ନଦୀର ଟର୍ନିଂ ପଏଣ୍ଟରେ ସବୁବେଳେ ବିପଦ ରହିଥାଏ। ସେ ଏନେଇ ବିଭାଗକୁ ଅବଗତ କରାଇବା ସହିତ କାର୍ଯ୍ୟର ଏଷ୍ଟିମେଟ ମଧ୍ୟ ଦେଇଛନ୍ତି। ଅନୁମୋଦନ ମିଳିଲେ ଯାହାକିଛି ପଦକ୍ଷେପ ନିଆଯିବ। ତେବେ କୋଚିଲା ନଦୀ ବନ୍ଧରେ ସମ୍ପୂର୍ଣ୍ଣ କଂକ୍ରିଟ ଓ୍ୱାଲ୍ ତିଆରି ପାଇଁ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟ ପଙ୍ଗଟା ଗ୍ରାମର କେଦାର ନାଥ ମହାପାତ୍ର ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ଦାବି କରିଛନ୍ତି।


ବନ୍ତ ବଜାର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଉଛି।

# ବନ୍ତରେ ଜବରଦଖଲ ଉଚ୍ଛେଦ

ବନ୍ତ,୩।୧୨(ଡି.ଏନ୍.ଏ.)

ମଙ୍ଗଳବାର ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥ ଅଧୀନ ବନ୍ତ ବଜାରର ଉନ୍ନତୀକରଣ କାର୍ଯ୍ୟ ଲାଗି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରୁ ବ୍ଲକ ଛକଠାରୁ ପୁରୁଣାବଜାର ଯାଏ ଉଚ୍ଛେଦ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ତହସିଲଦାର ଇନ୍ଦିରା ସାହୁ, ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା, ସୁଧାଂଶୁ ଶେଖର ମହାପାତ୍ର, ଥାନାଧିକାରୀ ମିନା ବିନ୍ଧାଣୀଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଉଚ୍ଛେଦ କାର୍ଯ୍ୟ ବେଳେ ଗୃହ ମାଲିକ, ଦୋକାନୀମାନେ ଉପସ୍ଥିତ ଥିଲେ। ରାଜ୍ୟ ରାଜପଥର ବନ୍ତ କେନାଲ ଛକଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକୀକରଣ ଓ ଡ୍ରେନେଜ୍ ବ୍ୟବସ୍ଥା ସହ କେନ୍ଦୁଆପଦା ଛକରେ ୱାନ୍ ଓ୍ୱେ ଟ୍ରାଫିକ୍ ବ୍ୟବସ୍ଥା କରାଯିବା ନେଇ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଉଥିବା ଜଣାଯାଇଛି।

## ସଂକ୍ଷେପରେ

### ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ମାରପିଟ

ବାସୁଦେବପୁର, ୩।୧୨(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟସ୍ଥ ଧାମରା ଟ୍ରେକର ଷ୍ଟାଣ୍ଡ ନିକଟରେ ଏକ କୋଚିଙ୍ଗ୍ ସେଣ୍ଟରର କେତେକ ଛାତ୍ର ଗୋଷ୍ଠୀ ବିଭାଜିତ ହୋଇ ମଙ୍ଗଳବାର ଗଣ୍ଡଗୋଳ କରିଥିଲେ। ସେଠାରେ ମାର୍‌ପିଟ୍ ଯାଏ କଥା ଯାଇଥିଲା। ସ୍ଥାନୀୟ କେତେକ ବ୍ୟକ୍ତି, ବ୍ୟବସାୟୀ ଏହି ଘଟଣାରେ ହସ୍ତକ୍ଷେପ କରି ଉଭୟ ପକ୍ଷର ଛାତ୍ରଙ୍କୁ ଶାନ୍ତ କରାଇଥିଲେ। ଗଣ୍ଡଗୋଳ ବେଳେ ରାସ୍ତାକଡ଼ରେ ଅନେକ ଛାତ୍ରୀଛାତ୍ର ରୁଣ୍ଡ ହୋଇ ଯାଇଥିଲେ। ମାର୍‌ପିଟ୍‌ର କାରଣ ଜଣାପଡ଼ିନାହିଁ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ୧୧ରୁ 'ତ୍ୟାଗଭୂମି ମହୋତ୍ସବ'

ଭଦ୍ରକ ଅଫିସ, ୩।୧୨: ଜିଲାସ୍ତରୀୟ ସାଂସ୍କୃତିକ ସମ୍ମେଳନ 'ତ୍ୟାଗଭୂମି' ମହୋତ୍ସବ ଆସନ୍ତା ୧୧ ତାରିଖରୁ ୧୭ ତାରିଖ ଯାଏ ପାଳନ କରାଯିବ। ଏଥିଲାଗି ବ୍ୟାପକ ପ୍ରସ୍ତୁତି ଚାଲିଥିବା ନେଇ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏକ ବୈଠକରେ ସୂଚନା ଦିଆଯାଇଛି। ଶିକ୍ଷାବିତ୍ ପ୍ରଭାକର ମଲ୍ଲିକ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଯୋଗ ଦେଇ ଏଥର ଟାଉନ୍‌ହଲ୍‌ରେ ମହୋତ୍ସବ ପାଳିତ ହେବ ଏବଂ ଏଥିଲାଗି ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଭ୍ୟର୍ଥନା କମିଟି ସଭାପତି ଡା. ପ୍ରଭାସ ମହାନ୍ତି, ଶିକ୍ଷାବିତ୍ ଗଗନବିହାରୀ ରାଉତ ଓ ସମ୍ମେଳନ ସମ୍ପାଦକ ଆଇନଜୀବୀ ତୁଷାରକାନ୍ତି ମହାନ୍ତି ମଞ୍ଚାସୀନ ହୋଇ ଆଲୋଚନାରେ ଭାଗ ନେଇଥିଲେ। ସଦସ୍ୟ ଅଧାପକ ଡ. ଅଭୟ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ସଦସ୍ୟ ସ୍ତମ୍ଭକାର ଅଧାପକ ବିଶ୍ୱରଞ୍ଜନ ଦାସ ୭ଦିନିଆ ଉତ୍ସବର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ଇଂ. ବିମ୍ବାଧର ବ୍ରହ୍ମ, ଶ୍ରୀହର୍ଷ ସ୍ୱାଇଁ, ଡ. ପଦ୍ମକାନ୍ତ ଧଳ, କବି ହୃଦାନନ୍ଦ ପାଣିଗ୍ରାହୀ, ବିଜୟ କୁମାର ବହଳୀ, ଆଇନଜୀବୀ ଗିରିଧାରୀ ନାଥ, ଆଇନଜୀବୀ ଗଦାଧର ବଳ, ନିଖିଳେଶ ଘୋଷ, ଡ. ପ୍ରଭାତନଳିନୀ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଦୁର୍ଘଟଣାରେ ବାପ ଝିଅ ଗୁରୁତର

ତିହିଡ଼ି,୩।୧୨(ଡି.ଏନ୍.ଏ.): ଭଦ୍ରକ-ଚାନ୍ଦବାଲି ରାସ୍ତାର ବାହାରପାଳ ଜେନାସାହି ନିକଟରେ ଏକ ବାଇକ୍‌କୁ କାର ଧକ୍କା ଦେବା ଫଳରେ ନଚ୍ଛିବିନ୍ଧା ପ୍ରାଥମିକ ସ୍କୁଲର ଶିକ୍ଷକ ସୁଧୀର କୁମାର ପାଢ଼ୀ ଏବଂ ତୃତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ଶିକ୍ଷକଙ୍କ ଡାହାଣପାଦର ୪ଟି ଆଙ୍ଗୁଳି କଟିଯାଇଥିବା ଜଣାପଡ଼ିଛି। ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି। ଶିକ୍ଷକ ସୁଧୀରଙ୍କ ଘର ବାହାରପାଳ ଗ୍ରାମରେ। ସେ ବାଇକ ଯୋଗେ ତାଙ୍କ ଝିଅକୁ ସ୍କୁଲକୁ ଛାଡ଼ିବାକୁ ନେଉଥିଲେ। ବାହାରପାଳ ଜେନାସାହି ପାଖରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ କାର ବାଇକକୁ ସାମ୍ନାପଟୁ ଧକ୍କା ଦେଇଥିଲା। ଆହତ ବାପଝିଅଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।


ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସ୍କୁଲରେ ମଧ୍ୟାହ୍ନ ଭୋଜନ ତନଖି କରୁଛନ୍ତି।

# ଅଭିଯୋଗ ଶୁଣିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ପଦ୍ମପୁର, ୩।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ବଡ଼ଅଗାପୁରଠାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଲୋକଙ୍କର ବିଭିନ୍ନ ସମସ୍ୟା ଶୁଣିବା ସହ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସେ ବଡ଼ଅଗାପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ମାନ ପରୀକ୍ଷା କରିବା ସହ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାଲାଗି ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମର ସାଇମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମୀକ୍ଷା ବୈଠକରେ ପୂର୍ବତନ ସରପଞ୍ଚ ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ପଦ୍ମପୁର ସରପଞ୍ଚ ପୃଥ୍ୱୀରାଜ ବିଶ୍ୱାଳ, ସମିତିସଭ୍ୟ ବନଜ କୁମାର ମହାପାତ୍ର, ବିଧାୟକଙ୍କର ପ୍ରତିନିଧି ଅସିତ କୁମାର ଦାସ, ପତୁଆଁ ସରପଞ୍ଚ ଦୀନବନ୍ଧୁ ଦାସ, ବାଲିମେଦ ସରପଞ୍ଚ ପ୍ରଫୁଲ୍ଲ କୁମାର ପଲିତା, ଜଗନ୍ନାଥପୁର ସରପଞ୍ଚ ଯଦୁନାଥ ନାୟକ, ଏଡ଼ତାଳ ସରପଞ୍ଚ ଜୟକୃଷ୍ଣ ନାୟକ, ବରିଷ୍ଠ କର୍ମୀ ପ୍ରଶାନ୍ତ କୁମାର ନାୟକ, ଚିନ୍ତାମଣି ବଳ, ନିରଞ୍ଜନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ମେଳକସାହି ଠାରେ ନିର୍ମିତ ସ୍ଲୁଇସ୍ ଗେଟ୍‌ର ମରାମତି ସହ କଞ୍ଚୁଡ଼ି ନଦୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିଲେ। ବଡ଼ଅଗାପୁର ଓ ମାଧପୁରକୁ ସଂଯୋଗ କରୁଥିବା ରାସ୍ତାରେ ଅର୍ଦ୍ଧନିର୍ମିତ ପୋଲ ଯୋଗୁ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଥିଲେ।

# ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର, ସମ୍ବର୍ଦ୍ଧନା

## ଦୁଇ ଭିନ୍ନକ୍ଷମ ଦମ୍ପତିଙ୍କୁ ମିଳିଲା ମ୍ୟାରେଜ ବଣ୍ଡ

ଭଦ୍ରକ ଅଫିସ, ୩।୧୨

ଭିନ୍ନକ୍ଷମ ବ୍ୟକ୍ତିମାନେ ନିଜକୁ ଅକ୍ଷମ ବା ଦୁର୍ବଳ ବୋଲି ଭାବିବା ଉଚିତ ନୁହେଁ। ଆଜିର ସମାଜରେ ଭିନ୍ନକ୍ଷମମାନେ କୌଣସି ଗୁଣରେ ସକ୍ଷମ ଲୋକଙ୍କଠାରୁ କମ୍ ନୁହନ୍ତି। ସେମାନେ ଆଉ ପୂର୍ବଭଳି ପରିବାରର ବୋଝ ହୋଇ ରହିନାହାନ୍ତି। ଭିନ୍ନକ୍ଷମଙ୍କ ସଶକ୍ତୀକରଣ ଲାଗି ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମଙ୍ଗଳବାର ଭଦ୍ରକ ଟାଉନହଲ ପରିସରରେ ଆୟୋଜିତ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଭିନ୍ନକ୍ଷମ ପିଲାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ବ୍ଲକ ସ୍ତରରେ ପ୍ରତିଯୋଗିତାରେ ମନୋନୀତ ହୋଇ ଜିଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ଲାଗି ଚୟନ ହୋଇଥିବା ୩୬ ଭିନ୍ନକ୍ଷମ କ୍ରୀଡାବିତଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସାମାଜିକ


ଜଣେ ଭିନ୍ନକ୍ଷମ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣ ଭିନ୍ନକ୍ଷମ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଦୁଇ ଭିନ୍ନକ୍ଷମ ଦମ୍ପତିଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ ମ୍ୟାରେଜ ବଣ୍ଡ ପ୍ରଦାନ ସହ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଦୁଇଚକିଆ ସାଇକେଲ ପ୍ରଦାନ କରାଯାଇଥିଲା।

ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଭିନ୍ନକ୍ଷମଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭଦ୍ରକ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ସମଗ୍ର ଶିକ୍ଷା ବିଭାଗ ମିଳିତ ସହଯୋଗରେ ଏହି ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ ବରେଣ୍ୟ ଅତିଥି, ଡିଏସ୍‌ପି ଅମରେଶ ପାଣିଗ୍ରାହୀ, ଅବସରପ୍ରାପ୍ତ ଡିଏସ୍‌ଏସ୍‌ଓ ପଦ୍ମନ କୁମାର ରାୟ, ସିଆର୍‌ଏସ୍‌ଆର୍ ସଙ୍ଗଠନର ସମ୍ପାଦକ ଭଗବାନ ପରିଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସମାଜରେ ସାଧାରଣ ଲୋକଙ୍କ ଭଳି ଭିନ୍ନକ୍ଷମଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ସମାନ ଅଧିକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଚାରୁଲତା ନାୟକ ସଂଯୋଜନା କରିଥିଲେ। ସମଗ୍ର ଶିକ୍ଷା ଭିନ୍ନକ୍ଷମ ବିଭାଗର ସଂଯୋଜକ ଜଳନ୍ଧର ମଣ୍ଡଳ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା

ଭଣ୍ଡାରିପୋଖରୀ, ୩।୧୨ (ଡି.ଏନ୍.ଏ.): ଆଖୁଆପଦା ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ପୁରୁଷୋତ୍ତମ ଧଳ, ବ୍ଲକ ବିଜ୍ଞାନ ସୁପରଭାଇଜର୍ ସୁବଳ ଚରଣ ପତ୍ରୀ, ସିଆର୍‌ସିସି ପୁଷ୍ପକ ଚନ୍ଦ୍ର ଭାରତୀ, ଧନେଶ୍ୱର ସାହୁ, ପ୍ରକଳ୍ପ ସମୀକ୍ଷକ ସସ୍ମିତ ମିଶ୍ର ଓ ପ୍ରଶାନ୍ତ ଜେନା ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ ହୋଇ ପ୍ରକଳ୍ପ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବିଦ୍ୟାଳୟରେ ୧୨୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

- ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟା

# ସତ୍ୟ ଉନ୍ମୋଚନ କରି ସମାଜକୁ ବିକଶିତ କରିବାକୁ ଗୁରୁତ୍ୱ

ଭଦ୍ରକ ଅଫିସ, ୩।୧୨

ସ୍ଥାନୀୟ ଗାନ୍ଧୀପଡ଼ିଆ ଠାରେ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ 'ସାମ୍ବାଦିକତା ଏକ ବୃତ୍ତି' ଶୀର୍ଷକରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଖବରଦାତା ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ କମଳାକାନ୍ତ ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ଅଧିବକ୍ତା ଅମିତାବାଳା ଆଚାର୍ଯ୍ୟ, ଖବରଦାତା ଡ. ହରିହର ନାୟକ, ଦୁର୍ଗାଚରଣ ବିଶ୍ୱାଳ, ପ୍ରକାଶ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ଜେନା, ଅଧ୍ୟାପିକା ମନୋରମା ଖଣ୍ଡାଇ, ଜ୍ଞାନପ୍ରକାଶ ପାଣି ଏିବଂ ସାମାଜିକ କର୍ମୀ ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଯାତ୍ରାଜଗତର ଖଳନାୟକ ପ୍ରଭାତ ବିଶ୍ୱାଳ, ହସ୍ୟାଭିନେତା ନରହରି ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକତା ଏକ ବୃତ୍ତି ନୁହେଁ ବରଂ ବ୍ରତ। ସେମାନେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ତଥା ଦରିଦ୍ର ଓ ଅସହାୟ ଜନତାର ବନ୍ଧୁ ସାଜି ସତ୍ୟ ଉନ୍ମୋଚନ କରି ସମାଜକୁ ବିକଶିତ କରିବାରେ ବ୍ରତୀ ହୁଅନ୍ତୁ ବୋଲି ବକ୍ତା ଓ ଅତିଥି କହିଥିଲେ। ସହସମ୍ପାଦକ ଚିତ୍ରଶିଳ୍ପୀ ପ୍ରଭାତ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ନୀହାର ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଡା. ଅନୀଲ କୁମାର ଦାଶ ବେଦପାଠ କରିଥିଲେ। କବି ବସନ୍ତ ପାତ୍ର ଶେଷରେ ଧନ୍ୟବାଦ ଦେଇଥିଲେ।

# ପ୍ରମାଣପତ୍ରରେ ଜାଲିଆତି କରି ଦରମା ଉଠାଣର ତଦନ୍ତ

ବନ୍ତ,୩।୧୨(ଡି.ଏନ୍.ଏ.)

ଅବସର ଗ୍ରହଣ ସମୟ ଅତିକ୍ରମ କରିବା ସତ୍ତ୍ୱେ ପ୍ରମାଣପତ୍ରରେ ଜାଲିଆତି କରି ଭଦ୍ରକ ଜିଲା ବନ୍ତ ବ୍ଲକରେ ଜଣେ ପଞ୍ଚାୟତ କର୍ମଚାରୀ ଦୀର୍ଘ ୪ ବର୍ଷ ଚାକିରି କରି ସରକାରଙ୍କଠାରୁ ଦରମା ନେବା ଭଳି ଘଟଣା ପଦାକୁ ଆସିବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବିଡିଓଙ୍କ ଚିଠି ନଂ-୩୨୫୦/ତା୧୩।୧୧।୧୯ରିଖ ଅନୁଯାୟୀ ଏହାର ତଦନ୍ତ କରାଯାଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି। ବିଡିଓ ରେବେକା ବିଲୁଙ୍ଗଙ୍କୁ ଏ ସମ୍ପର୍କରେ ପଚାରିବାରୁ ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ତହସିଲ ଅଫିସ ଆଗରେ ବିକ୍ଷୋଭ,ଗଣଧାରଣା

ବନ୍ତ,୩।୧୨(ଡି.ଏନ୍.ଏ.)

ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକ କୃଷକ ସଭାର ବିଭିନ୍ନ ଦାବି ନେଇ ସିପିଆଇ(ଏମ୍)ପକ୍ଷରୁ ତହସିଲ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣା ଦିଆଯାଇଥିଲା। ସ୍ଥାନୀୟ ପିଏନ୍‌ବି ଛକ ଠାରୁ ବନ୍ତ ଅଞ୍ଚଳ କମିଟିର କୃଷକ ନେତା ରବୀନ୍ଦ୍ର ନାୟକ ତଥା ସିପିଆଇ(ଏମ୍) ବନ୍ତ ଅଞ୍ଚଳ କମିଟିର ସମ୍ପାଦକଙ୍କ ନେତୃତ୍ୱରେ ଶତାଧିକ କୃଷକ ସାଥୀ, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ଭାଗ ଚାଷୀ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବନ୍ତ ବ୍ଲକ ସିପିଆଇ(ଏମ୍)ର ବରିଷ୍ଠ ସଦସ୍ୟ ଅନନ୍ତ ଚରଣ ପୃଷ୍ଟି ସ୍ଥାନୀୟ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃଷକ ନେତା ପ୍ରଭାସ



ତହସିଲ ସମ୍ମୁଖରେ ସିପିଏମ୍‌ର କୃଷକ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚନ୍ଦ୍ର ମହାପାତ୍ର ଦରଦାମ ବୃଦ୍ଧି, ସରକାରୀ କଳକାରଖାନା ବିକ୍ରି, ଆର୍ଥିକ ମାନ୍ଦାବସ୍ଥା ପ୍ରସଙ୍ଗ ଉଲ୍ଲେଖ କରି ବୁଲ୍‌ବୁଲ୍ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ, କାଳିଆ ଯୋଜନାରେ ସମସ୍ତ ପରିବାରଙ୍କୁ ଅର୍ଥ ପ୍ରଦାନ ଦାବି ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସିପିଆଇ(ଏମ୍) ସମ୍ପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଆଇନଜୀବୀ ପ୍ରତାପ ସେଠୀ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଚନ୍ଦ୍ର ଶେଖର ନାୟକ, ପ୍ରଫୁଲ୍ଲ ପାଢୀ, ଅଭିରାମ ବଳ, ଭଗବାନ ପଲେଇ, ସୁକାନ୍ତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

- ସ୍କୁଲ ଯିବା ବାଟ ଅବରୋଧ

# ପ୍ରତିବାଦରେ ରାସ୍ତାରେ ବସିଲେ ଛାତ୍ରୀଛାତ୍ର

ଚାନ୍ଦବାଲି,୩।୧୨(ଡି.ଏନ.ଏ.)

ଗାଁରୁ ବାହାରି ସ୍କୁଲଯିବା ରାସ୍ତାକୁ ଅବରୋଧ କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କୁ ହଇରାଣ ହେବାକୁ ପଡୁଛି। ଏହି ଅବରୋଧକୁ ମୁକ୍ତ କରିବା ଦାବି ନେଇ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତ ଚାନ୍ଦକୁଡ଼ା ପ୍ରାଥମିକ ସ୍କୁଲ ଓ ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ଛାତ୍ରୀଛାତ୍ରମାନେ ମଙ୍ଗଳବାର ରାସ୍ତାରେ ବସି ପ୍ରତିବାଦ କରିଥିଲେ। ସେମାନେ ସ୍କୁଲ ନ ଯାଇ ଏଭଳି ପ୍ରତିବାଦ କରିବା ଖବରପାଇ ଶିକ୍ଷା ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଛାତ୍ରୀଛାତ୍ର ସ୍କୁଲକୁ ଯାଇଥିଲେ।

ଛାତ୍ରୀଛାତ୍ର ଅଭିଯୋଗରେ


ଛାତ୍ରୀଛାତ୍ର ରାସ୍ତାରେ ବସି ପ୍ରତିବାଦ ଜଣାଉଛନ୍ତି।

ଦର୍ଶାଇଥିଲେ ଯେ, ସ୍ଥାନୀୟ ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଯିବା ରାସ୍ତାକୁ କେତେକ ଲୋକ ଜବରଦଖଲ କରି ରଖିଛନ୍ତି। ଫଳରେ ପିଲାଙ୍କ ଯାତାୟାତରେ ଅସୁବିଧା ହେଉଛି। ରାସ୍ତାର ଗୋଟିଏ ପାଖରେ ପୋଖରୀ ଥିବାରୁ ସେଠାରେ ସଙ୍କୁଚିତ ହୋଇପଡିଥିବା ରାସ୍ତାରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡିଛି। ଏ ନେଇ ଗ୍ରାମବାସୀ ପୂର୍ବରୁ ତହସିଲଦାର ଓ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ପ୍ରତିକାର ହୋଇ ନ ଥିଲା। ଏହାର ପ୍ରତିବାଦ ସ୍ୱରୂପ ଛାତ୍ରୀଛାତ୍ର ରାସ୍ତାରେ ଧାରଣା ଦେବାପରେ ଖବରପାଇ ସିଆରସିସି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଜମିରୁ ପାଣି ଶୁଖିଗଲେ ଏହାକୁ ମାପଚୁପ କରି ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାକୁ ଜବରଦଖଲ ମୁକ୍ତ କରାଯିବ ବୋଲି ସେ କହିବାରୁ ପ୍ରାୟ ଘଣ୍ଟାଏ ପରେ ପିଲାମାନେ ଧାରଣାରୁ ଉଠିଥିଲେ।

## ସଂକ୍ଷେପରେ

### ତୃତୀୟ ଶ୍ରେଣୀ ବୃତ୍ତି ପାଇଲେ ଅଂଶୁମାନ

ଆନନ୍ଦପୁର,୩।୧୨(ସ୍ୱ.ପ୍ର.)- ଆନନ୍ଦପୁର ୭ ନଂ ୱାର୍ଡ ବଳଭଦ୍ରପୁରଠାରେ ଥିବା କେନ୍ଦ୍ରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଳଭଦ୍ରପୁରର ଛାତ୍ର ଅଂଶୁମାନ ସିଂହ ତୃତୀୟ ଶ୍ରେଣୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ମେଧାବୀ ଛାତ୍ର ଭାବେ ଏହି ସଫଳତା ପାଇଥିବାରୁ ବାପା ବିଶ୍ୱରଞ୍ଜନ ଏବଂ ମା' ମିଟନ ସିଂହ ବେଶ୍ ଖୁସି ପ୍ରକାଶ କରିଛନ୍ତି। ଅଂଶୁମାନ ପାଇଁ ବିଦ୍ୟାଳୟ ତରଫରୁ ମଧ ଖୁସି ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ର ଅଂଶୁମାନଙ୍କ ପାଇଁ ଗର୍ବ ଅନୁଭବ କରିଥିବାବେଳେ ସେ ଜଣେ ମେଧାବୀ ଛାତ୍ର ବୋଲି ସୂଚନା ଦେଇଛନ୍ତି।

### ପ୍ରଧାନ ଶିକ୍ଷକ ନିଲମ୍ବିତ

ହାଟଡିହୀ, ୩।୧୨(ଡି.ଏନ୍.ଏ.)- ହାଟଡିହୀ ବ୍ଲକ ଶାଳଣିଆଁ ନୋଡାଲ ୟୁପି ସ୍କୁଲରେ ସରକାରୀ ଅର୍ଥ ଅନିୟମିତତା ନେଇ ପ୍ରଧାନ ଶିକ୍ଷକ ଅଭୟ ଜେନାଙ୍କୁ ବିଇଓ କ୍ଷୀରୋଦ ଚନ୍ଦ୍ର ତ୍ରିପାଠୀ ନିଲମ୍ବିତ କରିଛନ୍ତି। ସରକାରୀ ଅର୍ଥ ଅନିୟମିତତା ନେଇ ବିଇଓ ଘଟଣାର ତଦନ୍ତ କରିଥିଲେ। ବିଦ୍ୟାଳୟରେ ଦୁଇ ବର୍ଷ ହେବ କମିଟି ନାହିଁ। ଗତବର୍ଷ ସିଆରସିସି ଓ ପ୍ରଧାନ ଶିକ୍ଷକ ଅଭୟ ଜେନା ସରକାରୀ ଅର୍ଥ ଉଠାଣ କରି ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଚଳିତବର୍ଷ ସେହି ଧାରାରେ ପ୍ରଧାନ ଶିକ୍ଷକ ଜେନା ସିଆରସିସି ଓ ପ୍ରଧାନ ଶିକ୍ଷକ ଦୁଇଟି ଦାୟିତ୍ୱରେ ରହି ସରକାରୀ ଅର୍ଥ ଉଠାଣ କରିଥିଲେ। ଏପରି ଅର୍ଥ ଉଠାଣକୁ ବେନିୟମ ଦର୍ଶାଯାଇ ତାଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ଦିଆଯାଇଛି।

### ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଚମ୍ପୁଆ, ୩।୧୨(ଡି.ଏନ.ଏ)- ଚମ୍ପୁଆ ବିଆରସିସି କେନ୍ଦ୍ରଠାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସରୋଜ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବସରେ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଭିନ୍ନକ୍ଷମମାନେ ସବୁ କ୍ଷେତ୍ରରେ ସକ୍ଷମ ବୋଲି ଅଭିହିତ କରି ଏକ ରାଲି ସହର ପରିକ୍ରମା କରିଥିଲା। ପରିଶେଷରେ ବିଇଓ ଗୋବର୍ଦ୍ଧନ ନାଏକ ଏହି ଦିବସରେ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ଦେବା ସହିତ ଅଶନବାହାଲି ସିଆରସି ପରମେଶ୍ୱର ନାଏକ, ଅନ୍ତଃନିବେଶ ଶିକ୍ଷା ସ୍ୱେଚ୍ଛାସେବୀ ହରେକୃଷ୍ଣ ଜିତ, ଆଦର୍ଶ ଅଭିଭାବିକା ମାନୀ ମହାନ୍ତଙ୍କ ସମେତ ୧୨ ଜଣ ଶିକ୍ଷୟିତ୍ରୀଶିକ୍ଷକ, ବରିଷ୍ଠ ନାଗରିକ ଓ ସାମାଜିକ କର୍ମୀଙ୍କୁ ସମ୍ମାନିତ କରିଥିଲେ।

### ଧନେଇ ପୀଠରେ ମକର ପାଇଁ ପ୍ରସ୍ତୁତି

ଆନନ୍ଦପୁର,୩।୧୨(ସ୍ୱ.ପ୍ର.)- ଆନନ୍ଦପୁରର ଐତିହାସିକ ଶିଆଡିମାଳିଆ ଠାରେ ଥିବା ମା' ଧନେଇ ଠାକୁରାଣୀଙ୍କ ପୀଠରେ ୨୨ ବର୍ଷରେ ପଦାର୍ପଣ କରିଥିବା ମକର ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମକର ମେଳା ଆଡମ୍ବର ସହକାରେ ପାଳନ କରିବା ନିମନ୍ତେ ଧନେଇ କମିଟି ସଭାପତି ବିଜୟ ମିଶ୍ରଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଲିକୁନ ମିଶ୍ର, ମିଟୁ ରାମ, ଶରତ ରାଉତ, ସୁଦର୍ଶନ ମଙ୍ଗଳ, ଟୁଟୁ ଧୀର, ବିଜୟ ପାଢ଼ୀ, ବିଜୟ ରଣା, ଭୀମ ମଲିକ, ବିଜୟ ସିଂହ, ବିଶ୍ୱନାଥ ପଣ୍ଡା, ମଧୁସୂଦନ ମିଶ୍ର, ମଦନ ମିଶ୍ରଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଲାଗି ଶୋଭାଯାତ୍ରା

ପାଟଣା,୩।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସରକାରୀଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ମଙ୍ଗଳବାର ପୂର୍ବାହ୍ନରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ବ୍ଲକ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରୀ ଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଅନ୍ତର୍ନିବେଶୀ ଜିଲା ଶିକ୍ଷା ସଂଯୋଜକ ପୀତବାସ ସାହୁ ଓ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାନ୍ତ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ବୀରମୋହନ ଦ୍ୱିବେଦୀ, ସିଆରସିସି ଶ୍ରୀକାନ୍ତ ବିଶ୍ୱାଳ, ପ୍ରମୋଦ କୁମାର ମହାନ୍ତ, ବିଆରଟି ରଜନୀ ନାଏକ ଓ ଶିକ୍ଷକ ପ୍ରକାଶ କୁମାର ମିଶ୍ର ପ୍ରମୁଖ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ।

# ଅଦରକାରୀ, ପୁରୁଣା ସାମଗ୍ରୀରୁ ବିଶ୍ୱବନ୍ଧୁଙ୍କ ବାଇକ୍ ନିର୍ମାଣ

ସନ୍ତୋଷ ରାଉତ
ଆନନ୍ଦପୁର, ୩। ୧୨

■ଘଣ୍ଟାକୁ ଗତି କରୁଛି ୩୦ରୁ ୪୦କି.ମି.

■ପାଣି, ବାୟୁ, ସୌର ଶକ୍ତିରୁ ଚାର୍ଜ ହେଉଛି ବ୍ୟାଟେରି



ମା' ବାପାଙ୍କ ସାଥିରେ ବିଶ୍ୱବନ୍ଧୁ।

ଜଣେ ନବମ ଶ୍ରେଣୀ ଛାତ୍ର ନିଜସ୍ୱ ଜ୍ଞାନ କୌଶଳ ବଳରେ ସାଇକେଲରେ ବନାଇଛନ୍ତି ଏକ ନନ୍ ଷ୍ଟପ୍ ବାଇକ୍। ନା ତାଙ୍କର ବିଶ୍ୱବନ୍ଧୁ ଓଝା। ନିଜର ଅଦମ୍ୟ ପରିଶ୍ରମ ଏବଂ ଘର ଲୋକଙ୍କ ଭଲପାଇବା ତାଙ୍କର ଏହି କାମକୁ ସଫଳ କରାଇଛି। ବୟସ ସେତିକି ନ ହେଲେ ମଧ ନିଜର ଗଭୀର ପ୍ରଚେଷ୍ଟା ବଳରେ ଏହି ବାଇକ୍‌କୁ ନେଇ ପୁରା ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚା ଦେଖିବାକୁ ମିଳିଛି। ସୌର ଶକ୍ତି, ବାୟୁ ଶକ୍ତି ଓ ପାଣିର ଶକ୍ତିକୁ ନେଇ ବାଇକ୍‌ଟି ଗତିଶୀଳ ହେଉଛି। ତାହା ପୁଣି ଘଣ୍ଟାକୁ ୩୦ରୁ ୪୦ କି.ମି. ବେଗରେ ଗତି କରୁଛି। ହେଡଲାଇଟ୍, ଇଣ୍ଡିକେଟର୍ ଜଳିବା ସହିତ ହର୍ଣ୍ଣ ବି ବାଜୁଛି। ସବୁଠାରୁ ବଡ କଥା ଏଥିରେ ଲଗାଯାଇଥିବା ସବୁ ସାମଗ୍ରୀ ଅଦରକାରୀ ଓ ପୁରୁଣା ସାମଗ୍ରୀ। ଯେକୌଣସି ପାଗରେ ଗତିଶୀଳ ହେବାର କ୍ଷମତା ମଧ ଏହି ବାଇକ୍‌ର ରହିଛି। ଘସିପୁରା ବ୍ଲକ ତରିମୁଳ ହାଇସ୍କୁଲର ଛାତ୍ର ବିଶ୍ୱବନ୍ଧୁ ଓଝା ଏହି ବାଇକ୍ ତିଆରି କରିଛନ୍ତି। ସାଧାରଣ ବ୍ୟାଟେରୀ ଚାଳିତ ଗାଡି ଭଳି ଏହାକୁ ଚାର୍ଜ କରିବାକୁ ପଡେନାହିଁ। ବାଇକ୍‌ଟି ଚାଲିବା ସମୟରେ ହିଁ ଏକ କାଳୀନ ପାଣି, ବାୟୁ ଓ ସୌରଶକ୍ତିରୁ ଏହାର ବ୍ୟାଟେରୀ ଚାର୍ଜ ହୋଇଥାଏ। ପାଣି ଟାଙ୍କିରୁ ଟର୍ବାଇନ୍ ଯୋଗେ ୧୨ ଭୋଲଟ କରେଣ୍ଟ ମିଳିଥାଏ। ସୋଲାର ପ୍ୟାନେଲରୁ ୧୨ ଭୋଲଟ, ଆଗରେ ଥିବା ୨ଟି ପଙ୍ଖାରୁ ୮ ଭୋଲଟ କରେଣ୍ଟ ମିଳିଥାଏ। ଏଥିରେ ଲାଗିଥିବା ୨ ଟି ବ୍ୟାଟାରୀ ଚାର୍ଜ ହୋଇ କେବଳ ୨ ଭୋଲଟ କରେଣ୍ଟରେ ବାଇକଟି ଚାଲିଥାଏ। ବଳକା କରେଣ୍ଟରେ ମୋବାଇଲ ଚାର୍ଜ ଓ ଅନ୍ୟାନ୍ୟ କାମର ଲାଗିଥାଏ।

ଶିକ୍ଷକ ହାଡିବନ୍ଧୁ ଓଝା ଓ ସବିତା ଓଝାଙ୍କ ଏକମାତ୍ର ପୁଅ ହେଉଛନ୍ତି ବିଶ୍ୱବନ୍ଧୁ ଓଝା। ପିଲାଟି ଦିନରୁ ଏଭଳି ବିରଳ ପଦାର୍ଥ ତିଆରି କରିବାରେ ବିଶ୍ୱବନ୍ଧୁ ରୁଚି ରଖିଥିବା କହିଛନ୍ତି ତାଙ୍କ ମା' ବାପା। ପୂର୍ବରୁ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ପାଣିରେ ଚାଳିତ କାର ତିଆରି କରି ସେ ପ୍ରଶଂସିତ ହୋଇଥିଲେ। ନିଜ ଘରେ ରହୁଥିବା କୋଠରୀରେ ବିଭିନ୍ନ ସମୟରେ ଏକ୍ସପେରିମେଣ୍ଟାଲ ପଦାର୍ଥ ତିଆରି କରିବାକୁ ସମୟ ଦେଇଥାନ୍ତି। ଆଗକୁ ଏହିଭଳି ଅନେକ ଜନିଷ ତିଆରି କରିବାକୁ ସେ ରୁଚି ରଖିଥିବା କହିଛନ୍ତି। ତାଙ୍କର ଏହି କାମ ଅତ୍ୟନ୍ତ ପ୍ରଶଂସନୀୟ।

# ଲକ୍ଷେ ଟଙ୍କା ଝାମ୍ପିନେଲେ ୨ ଦୁର୍ବୃତ୍ତ

ଆନନ୍ଦପୁର,୩।୧୨(ସ୍ୱ.ପ୍ର.)

ଆନନ୍ଦପୁର ଥାନା ଆନନ୍ଦପୁର ବ୍ରିଜଛକଠାରୁ ବସରୁ ଓହ୍ଲାଇଥିବା ଜଣ ଯାତ୍ରୀଙ୍କଠାରୁ ଲକ୍ଷେ ଟଙ୍କା ଝାମ୍ପି ନେଇଛନ୍ତି। ମଙ୍ଗଳବାର ଦିନ ୧୧ଟା ସମୟରେ ଆନନ୍ଦପୁର ଥାନା ଅଡହୁରିଆ ଗ୍ରାମର ତପନ ଜେନା ନାମକ ଜଣେ ବ୍ୟକ୍ତି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ରାଞ୍ଚରୁ ଲକ୍ଷେ ଟଙ୍କା ଉଠାଣ କରି ବସ ଯୋଗେ ଆସିଥିଲେ। ବସଟି ବ୍ରିଜ ଛକ ଠାରେ କିଛି ସମୟ ଅଟକିବାରୁ ସଂପୃକ୍ତ ବ୍ୟକ୍ତି ଟଙ୍କା ବ୍ୟାଗ ଧରି ତଳକୁ ଓହ୍ଲାଇଥିଲେ। ଠିକ୍ ଏହି ସମୟରେ ଏକ ବାଇକ୍‌ରେ ଦୁଇ ଜଣ ଲୁଟେରା ଆସି ଟଙ୍କା ଥିବା ବ୍ୟାଗଟିକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ତପନ ଜେନା ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ବ୍ୟାଙ୍କରେ ପହଞ୍ଚି ସିସି ଟିଭି ଫୁଟେଜ୍ ଯାଞ୍ଚ କରି ଲୁଟେରାଙ୍କ ସମ୍ପର୍କରେ ଜାଣିବାକୁ ଉଦ୍ୟମ ଆରମ୍ଭ କରିଛି। ଅନ୍ୟପକ୍ଷେ ଲୁଟ ହେବା ପରେ କେତେକ ବ୍ୟକ୍ତି ସଂପୃକ୍ତ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରିଥିଲେ ସୁଦ୍ଧା କୌଣସି ସଫଳତା ମିଳି ନ ଥିବା ଜଣାପଡିଛି। ସ୍ୱଚ୍ଛ ଦିବାଲୋକରେ ଲୁଟ ଘଟଣା ଆନନ୍ଦପୁର ପାଲିସ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ସରକାରୀ ଅନୁଦାନ ହଡ଼ପ ଘଟଣା:

# ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୨ ସରପଞ୍ଚଙ୍କ ବିରୋଧରେ ଏତଲା ଦେବାକୁ ନିର୍ଦ୍ଦେଶ

ହାଟଡିହୀ, ୩।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସୋସୋ ଓ ସୁଳଣ ପଞ୍ଚାୟତରେ ସରକାରୀ ଅନୁଦାନ ହଡ଼ପ ଘଟଣାର ତଦନ୍ତ ପରେ ଏନେଇ ଥାନାରେ ୨ ପଞ୍ଚାୟତର ସରପଞ୍ଚ ଏବଂ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଏତଲା ଦେବାଲଗି ଜିଲାପ୍ରଶାସନ ପକ୍ଷରୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ (ଡିପିଓ) ତାଙ୍କ ଚିଠି ନଂ ୧୭୫୧/ତା୨୯।୧୧।୨୦୧୯ରିଖ ଓ ୧୭୫୩/ତା୨୯।୧୧।୨୦୧୯ରିଖରେ ଏହି ନିର୍ଦ୍ଦେଶ ଜାରି କରିଥିବା ଜଣାପଡ଼ିଛି। ଉଲ୍ଲେଖନୀୟ ଯେ, ଏହି ଦୁଇ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବ୍ୟାସଦେବ ନାଇକ ପୂର୍ବରୁ କାର୍ଯ୍ୟ କରୁଥିଲେ। ତାଙ୍କୁ ଅନ୍ୟତ୍ର ବଦଳି କରାଯିବା ପରେ ୨ଜଣ ନୂଆ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ୨ ପଞ୍ଚାୟତରେ ଯୋଗ ଦେଇଥିଲେ। ସେମାନେ କାଗଜପତ୍ର ତନଖି କଲାବେଳେ ସରକାରୀ ଅନୁଦାନ ହଡ଼ପ ହୋଇଥିବା ଜାଣି ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଉଭୟ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଏକ ୪ଜଣିଆ ସ୍ୱତନ୍ତ୍ର ଟିମ୍ ଗଢାଯାଇ ୨ ପଞ୍ଚାୟତରେ ହୋଇଥିବା ଅର୍ଥହଡ଼ପ ଘଟଣାର ଯାଞ୍ଚ କରାଯାଇଥିଲା। ଏଥିରୁ ଅନିୟମିତତାର ଗନ୍ଧ ବାରି ହୋଇପଡ଼ିବାରୁ ତଦନ୍ତକାରୀ ଟିମ୍ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଭିତ୍ତିରେ ବର୍ତ୍ତମାନ ପାଟଣା ବ୍ଲକରେ କାର୍ଯ୍ୟ କରୁଥିବା ଏଠାକାର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ୟାସଦେବ ନାଇକଙ୍କୁ ଜିଲାପାଳଙ୍କ ଚିଠି ଓ ନିର୍ଦ୍ଦେଶକ୍ରମେ ଗତ ମାସ ୨୦ ତାରିଖରେ ନିଲମ୍ବିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ୨ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଏତଲା ଦାୟର କରିବାକୁ ନିର୍ଦ୍ଦେଶ ଦିଆଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର କାରଣ ହୋଇଛି। ଏସମ୍ପର୍କରେ ଡିପିଓ ନବୀନ ଚନ୍ଦ୍ର ନାୟକ କହିଛନ୍ତି ଯେ, ଆମେ ଜିଲା ଅଫିସରୁ ନିର୍ଦ୍ଦେଶ ପାଇଛୁ। ଏସମ୍ପର୍କରେ ଥନାରେ ଏତଲା ଦେବାଲାଗି ବିଡିଓଙ୍କୁ କୁହାଯାଇଛି। ଖୁବ୍‌ଶୀଘ୍ର ଏହି ଏତଲା ଦାୟର କରାଯିବ।

# ୨୯୮୦୦ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଢେଙ୍କିକୋଟ, ୩।୧୨(ଡି.ଏନ୍.ଏ.)

ଢେଙ୍କିକୋଟ ବଜାର ମଧ୍ୟରୁ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାବେଳେ ଲୁଟେରାମାନେ ୨୯ହଜାର ୮୦୦ ଟଙ୍କା ଝାମ୍ପି ନେଇଛନ୍ତି। ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖଣ୍ଡଘର ଗ୍ରାମ ପଞ୍ଚାୟତ କାଶିବେଡ଼ା ଗ୍ରାମର ବାସନ୍ତୀ ପାତ୍ର ଏବଂ ତାଙ୍କ ସ୍ୱାମୀ ତପନ ପାତ୍ର ନିଜ ବାଇକ୍‌ରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଢେଙ୍କିକୋଟ ବଜାର ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାକୁ ଟଙ୍କା ଉଠାଇବା ପାଇଁ ପାସ୍‌ବହି ଆଧାର କାର୍ଡ ଧରି ଆସିଥିଲେ। ବ୍ୟାଙ୍କ ଭିଡ଼ ଥିବାରୁ ଟଙ୍କା ଉଠାଇବାରେ ବିଳମ୍ବ ହୋଇଥିଲା। ତେବେ ବାସନ୍ତୀ ପାତ୍ର ଟଙ୍କା ଉଠାଇ ବ୍ୟାଙ୍କରୁ ବାହାରୁକୁ ଆସି ସ୍ୱାମୀ ତପନ ପାତ୍ରଙ୍କୁ ସବୁ ଟଙ୍କା ସମେତ ପାସବହି ଆଧାର କାର୍ଡ ଏକ ଜରି ବ୍ୟାଗ୍‌ରେ ଦେଇଥିଲେ। ଟଙ୍କା ବ୍ୟାଗକୁ ତପନ ପାତ୍ର ବାଇକ୍ ହ୍ୟାଣ୍ଡେଲରେ ରଖି ବଜାରସ୍ଥିତ ଓଭରବ୍ରିଜ୍ ତଳେ ଥିବା ପରିବା ମାର୍କେଟକୁ ଯାଇଥିଲେ ଏବଂ ସେଠାରେ ପରିବା କିଣି ଦୋକାନୀକୁ ଟଙ୍କା ଦେବାକୁ ବ୍ୟାଗ ନିକଟକୁ ଗଲାବେଳେ ଟଙ୍କା ବ୍ୟାଗ ନାହିଁ। ତେବେ ବାସନ୍ତୀ ପାତ୍ର ତୁରନ୍ତ ଏନେଇ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଘଟଗାଁ ଥାନାକୁ କାର୍ଯ୍ୟରେ ଯାଇଥିବାରୁ ତାଙ୍କୁ ଘଟଗାଁ ଥାନାକୁ ଯିବାକୁ ପଡ଼ିଥିଲା ଏବଂ ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ତୁରନ୍ତ ଘଟଣା ସମ୍ପର୍କରେ ଢେଙ୍କିକୋଟ ବଜାରକୁ ଆସି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

## ଡିସେମ୍ବର ୮ରୁ ୧୨ ପର୍ଯ୍ୟନ୍ତ ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ ଶିବିର

କେନ୍ଦୁଝର, ୩।୧୨(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପରିବହନ ବିଭାଗଙ୍କ ନିର୍ଦ୍ଦେଶ ଅନୁଯାୟୀ ମୋଟରଯାନ ଚାଳନା ନିମନ୍ତେ ଆବଶ୍ୟକ ହେଉଥିବା ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ ନିମିତ୍ତ ଶିବିର ଆୟୋଜନ କରାଯାଉଛି। ଏହି ଆଦେଶ ଅନୁଯାୟୀ ଚଳିତ ଡିସେମ୍ବର ମାସ ୮ ତାରିଖରୁ ଡିସେମ୍ବର ମାସ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ଚମ୍ପୁଆ ଠାରେ ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ ଶିବିର ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ସୂଚନାଯୋଗ୍ୟ ଯେ ଡିସେମ୍ବର ମାସ ୮ ତାରିଖରୁ ଡିସେମ୍ବର ମାସ ୯ତାରିଖ ପର୍ଯ୍ୟନ୍ତ (ଦୁଇ ଦିନ) କେବଳ ଚମ୍ପୁଆ ଉପଖଣ୍ଡ ଅଞ୍ଚଳର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ଶିବିରର ସୁଯୋଗ ନେଇପାରିବେ। ଡିସେମ୍ବର ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକ ଲର୍ଣ୍ଣିଂ ଲାଇସେନ୍ସ ପ୍ରାପ୍ତି ନିମନ୍ତେ ଏହି ଶିବିରର ସୁଯୋଗ ନେଇପାରିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଉକ୍ତ ଶିବିରର ସୁଯୋଗ ନେବା ପାଇଁ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ପରିବହନ ବିଭାଗ ତରଫରୁ ଅନୁରୋଧ କରାଯାଇଛି।

# ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନ୍‌ସେଲିଂ

କେନ୍ଦୁଝର, ୩।୧୨(ସ୍ୱ.ପ୍ର.)



କାଉନସେଲିଂରେ ଯୋଗ ଦେଇଥିବା ଅତିଥି।

ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ମାଧ୍ୟମରେ କ୍ୟାରିୟର ଗଠନ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଶରତ ଚନ୍ଦ୍ର ମହାନ୍ତଙ୍କ ପରାମର୍ଶରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଅଶ୍ୱଥମା ଗିରି, ଡ, କୁଳମଣି ପ୍ରଧାନ, ଅଧ୍ୟାପକ କେଶବ ଚନ୍ଦ୍ର ସାହୁ, ବୀରେନ କୁମାର ସାହୁ ଯୋଗଦେଇ କାଉନସେଲିଂ କରି କିପରି ଭବିଷ୍ୟତରେ ଇଞ୍ଜିନିୟରିଂ, ମେଡିକାଲ, ଫାର୍ମାସୀ, ଶିକ୍ଷକତା, ଆଇଟିଆଇ ଆଦି ଥିବା ସୁଯୋଗ ଉପରେ ଭବିଷ୍ୟତ ଗଢିବେ ସେ ବିଷୟରେ କହିଥିଲେ। ଶେଷରେ ଚନ୍ଦନ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ତରଫରୁ ପିଆଜ କିଲୋ ୪୦ ଟଙ୍କା ବିକ୍ରି

ପାଟଣା, ୩।୧୨(ସ୍ୱ.ପ୍ର.)

ଓଡ଼ିଶାରେ ପିଆଜ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ କେନ୍ଦୁଝର ଜିଲା ପାଟଣାବ୍ଲକ କଂଗ୍ରେସଦଳ ତରଫରୁ ମଙ୍ଗଳବାର ଏହି ବ୍ଲକ ରାଜନଗର ଠାରେ ପିଆଜ କିଲୋ ପ୍ରତି ୪୦ ଟଙ୍କା ଦରରେ ଖାଉଟି ମାନଙ୍କୁ କର୍ମୀମାନେ ଯୋଗାଇ ଦେଇଛନ୍ତି। ମାତ୍ର ଜଣ ପିଛା ଗ୍ରାହକଙ୍କୁ ମାତ୍ର ୨୫୦ ଗ୍ରାମ ଲେଖା ପିଆଜ ଯୋଗାଇ ଦିଆଯିବା ନେଇ ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଜିଲ୍ଲା କଂଗ୍ରେସ କମିଟି ସଭ୍ୟ ଶତ୍ରୁଘ୍ନ ସିଂ ଓ ବରିଷ୍ଠ ନେତା ବସନ୍ତ ମିଶ୍ରଙ୍କ ନେତୃତ୍ୱରେ ରାଜନଗର ଠାରେ ଅସ୍ଥାୟୀ ଭାବେ ମଙ୍ଗଳବାର ପିଆଜ ଦୋକାନ ଖୋଲାଯାଇଛି। ଶତ୍ରୁଘ୍ନଙ୍କ ସୂଚନା ମୁତାବକ ପିଆଜ ବିକ୍ରି କେନ୍ଦ୍ର ପିସିସିର ପରବର୍ତ୍ତୀ ନିଷ୍ପତି ପର୍ଯ୍ୟନ୍ତ ଜାରିରହିବ। ପିଆଜ ଦର ଖୋଲା ବଜାରରେ କିଲୋ ପିଛା ୧୦୦ରୁ ୮୦ ଟଙ୍କାରେ ବିକ୍ରି ପ୍ରତିବାଦରେ କଂଗ୍ରେସ ଦଳ ତରଫରୁ ଏଭଳି ଅଭିନବ ଢଙ୍ଗରେ ମଙ୍ଗଳବାର ପ୍ରତିବାଦ ଦେଖିବାକୁ ମିଳିଛି। ପିଆଜର ଏହି ଦର ବୃଦ୍ଧି କି ଗରିବ ମଧ୍ୟବିତ ଓ ଧନୀ ସମସ୍ତଙ୍କୁ ଊଣା ଅଧିକେ ପ୍ରଭାବିତ କରିଛି।

# ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ଖଲାସ

କେନ୍ଦୁଝର, ୩।୧୨(ସ୍ୱ.ପ୍ର.)

୨୦୧୫ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଜିଲା ଦୌରାଜଜ ଜଜ ବେଣୁଧର ପାତ୍ର ମଙ୍ଗଳବାର ହତ୍ୟା ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ତାଙ୍କ ନାମ ସାଟିଂ ମଲ୍ଲାହର। ତାଙ୍କ ଘର ହରିଚନ୍ଦନପୁର ବ୍ଲକ ପିଠାଗୋଳା ଗ୍ରାମରେ। ଅଭିଯୁକ୍ତଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀ ରବିନାରାୟଣ ସେଠୀ କହିଛନ୍ତି ଯେ, ଏହି ହତ୍ୟା ଘଟଣା ୨୦୧୫ ମସିହା ସେପ୍ଟେମ୍ବର ୨୭ ତାରିଖରେ ଘଟିଥିଲା। ଅଭିଯୁକ୍ତ ଆସାମୀ ତେଲକୋଇ ବ୍ଲକ ପଙ୍ଗା ଗ୍ରାମକୁ ନୂଆଖାଇ ପର୍ବ ଉପଲକ୍ଷେ ଯାଇଥିଲେ। ସେହି ଗ୍ରାମର ଚକ୍ର ମଲ୍ଲହାର ଘରେ ଖାଉଥିବା ବେଳେ ଉଭୟଙ୍କର ବଚସା ହୋଇଥିଲା। ଉତକ୍ଷିପ୍ତ ହୋଇ ଆସାମୀ ଏକ କାଠରେ ଆକ୍ରମଣ କରିବାରୁ ରକ୍ତାକ୍ତ ଅବସ୍ଥାରେ ଚକ୍ର ମୃତ୍ୟୁବରଣ କରିଥିଲେ। ସେସମୟରେ ଚକ୍ରଙ୍କ ସ୍ତ୍ରୀ ଓ ଝିଅ ଘରେ ଥିଲେ। ଏହାକୁ ପ୍ରତିବାଦ କରିବାରୁ ଚକ୍ରଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଘଟଣା ପରେ ଅଭିଯୁକ୍ତ ସାଟିଂ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ତେଲକୋଇ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୧୦୨/୨୦୧୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଜଜ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ଖଲାସ କରିଥିବା ଆଇନଜୀବୀ ସେଠୀ କହିଛନ୍ତି।

## କେନ୍ଦୁଝରରେ ପାଣିପାଗରେ ପରିବର୍ତ୍ତନ

# ଆଗଭଳି ହାଡ଼ଭଙ୍ଗା ଶୀତ ନାହିଁ

କେନ୍ଦୁଝର, ୩।୧୨ (ସ୍ୱ.ପ୍ର.)



ଶୀତୁଆ ସକାଳରେ ନିଆଁ ପୋଇଁବା ମଜା ନେଉଛନ୍ତି ଲୋକେ।

ବିଳମ୍ବରେ ହେଉ ପଛକେ କେନ୍ଦୁଝର ଜିଲାରେ ଶୀତର ଆଗମନକୁ ନେଇ ଅନେକ ଖୁସି ବ୍ୟକ୍ତ କରୁଛନ୍ତି। ତେବେ ଏହି ସମୟରେ ଯେଉଁ ଭଳି ଶୀତ ହେବା କଥା ସେଭଳି ଶୀତ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଉଛି। ଏକଦା ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନ କେନ୍ଦ୍ର ସାଙ୍ଗକୁ ଶୀତୁଆ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। ଏବେ ବ୍ୟାପକ ଜଙ୍ଗଲ ଓ ପରିବେଶ ନଷ୍ଟ ଓ ବୃଦ୍ଧି ପାଉଥିବା ପ୍ରଦୂଷଣ ଯୋଗୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଫଳରେ ଜିଲାର ପୁରୁଣା ସ୍ଥିତି ହରାଇ ବସୁଥିବାରୁ ପରିବେଶବିତ୍ ତଥା ପ୍ରକୃତିପ୍ରେମୀମାନେ ଚିନ୍ତିତ। ଯେଉଁ ସମୟରେ ତାପମାତ୍ରା ପାଖାପାଖି ୧୦ ଡିଗ୍ରୀ ସେଣ୍ଟିଗ୍ରେଡ ରହିବା କଥା ସେହି ସମୟରେ ତାପମାତ୍ରା ୧୫ ଡିଗ୍ରୀ ରହୁଥିବାରୁ ଆଗଭଳି ଥଣ୍ଡା ଅନୁଭୂତ ହେଉନାହିଁ। ରାସ୍ତାଘାଟରେ କାଁ ଭାଁ ନିଆଁ ଜାଳି ନିଆଁ ପୋଇଁବା ଦୃଶ୍ୟ ଦେଖିବାକୁ ମିଳୁଛି। ଚଳିତ ବର୍ଷର ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଣ୍ଟିଗ୍ରେଡ କିଛି ଦିନ ତଳେ ଦେଖିବାକୁ ମିଳିଥିଲା। ତେବେ ଏହା ବୃଦ୍ଧି ପାଇ ଗତ ତିନି ଦିନ ହେଲା କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଣ୍ଟିଗ୍ରେଡ ରହୁଥିବା ଜଣାପଡିଛି। ଭୋର ଓ ରାତିରେ ବିଶେଷ କରି ଗ୍ରାମାଞ୍ଚଳ ଓ ପାହାଡିଆ ଅଞ୍ଚଳରେ ଶୀତର ପ୍ରକୋପ ଅଧିକ ଅନୁଭୂତ ହେଉଛି। ଲଘୁଚାପ ଜନିତ ବର୍ଷା ହେଲେ ଏହାର ପ୍ରକୋପ ସାମାନ୍ୟ ଅଧିକ ଅନୁଭୂତ ହୋଇଥାଏ। ଶୀତର ପ୍ରକୋପ ଅଧିକ ହେଲେ କାଞ୍ଜିପାଣି, ତରମାକାନ୍ତ, ଯୋଡା, କିରିବୁରୁ ଆଦି ଅଞ୍ଚଳରେ ପୂର୍ବରୁ ତୁଷାରପାତ ପଡେ। କିନ୍ତୁ ଗତ କିଛି ବର୍ଷ ହେଲା ତୁଷାରପାତ ଦେଖିବାକୁ ମିଳୁନାହିଁ। କେବଳ ଘାସପତ୍ର ଉପରେ କୁହୁଡିର ଆସ୍ତରଣ ପଡି ତୁଷାରପାତର ଭ୍ରମ ସୃଷ୍ଟି କରିଥାଏ। ଏହି ସମୟରେ ତାପମାତ୍ରା ବହୁ ଆଗରୁ ୧୦ ଡିଗ୍ରୀ ତଳକୁ ଖସିଯାଏ। ଗତ ୨୦ ବର୍ଷ ହେଲା କେନ୍ଦୁଝର ଜିଲାର ହାଡଥରା ଶୀତ ଆଉ ଦେଖିବାକୁ ମିଳୁନାହିଁ। ସେପ୍ଟେମ୍ବର ମାସର ଶେଷ ସପ୍ତାହରୁ ଏହି ଶୀତ ପଡୁଥିଲା ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। କିନ୍ତୁ ଏବେ ନଭେମ୍ବର ମାସ ଶେଷ ସପ୍ତାହରୁ ଶୀତ ଆରମ୍ଭ ହୋଇ ଫେବୃୟାରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନୁଭୂତ ହେଉଛି ବୋଲି କହିଛନ୍ତି ପରିବେଶବିତ୍ ତଥା ବରିଷ୍ଠ ନାଗରିକ ଡକ୍ଟର ବିମ୍ବାଧର ବେହେରା। ବହୁ ବର୍ଷ ଆଗରୁ ଜିଲାର ଶୀତ ପରିବେଶ ବର୍ଷ ତମାମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କିନ୍ତୁ ଏବେ ଧୂଳିଧୂସର ପରିବେଶ, ବହୁ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍, ଟିପ୍ପର ଆଦି ଗାଡି ଚଳାଚଳ, ପରିବର୍ତ୍ତିତ ଜଳବାୟୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Officially Staff
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.20,000/-.
Contact Immediately
Mob: 9938699963

TEACHERS REQUIRED
Teachers Required Male/Female for Odiya/English Medium School
ST. XAVIER HIGH SCHOOL
Plot No.4916, Pandav Nagar, Bhubaneswar.
Contact : 7978084379, 8249088768

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813, 7609947073

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

REQUIRED
A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

CLASSIFIED DISPLAY
on Every
Tuesday and Friday

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଯୋଡ଼ା, ୩।୧୨(ଡି.ଏନ୍.ଏ.)-କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପିଢ଼ପୋଖରୀ ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ପିଢ଼ପୋଖରୀ ଗ୍ରାମର ବୃଦ୍ଧା ବାଲମା ମୁଣ୍ଡା(୭୦) ଗ୍ରାମ ନିକଟସ୍ଥ ପୋଖରୀକୁ ରବିବାର ଶୌଚ ହେବା ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ । ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ସୋମବାର ସକାଳେ ତାଙ୍କ ମୃତ ଦେହ ଉକ୍ତ ପୋଖରୀରେ ଭାସୁଥିବା ଖବର ସ୍ଥାନୀୟ ଲୋକଙ୍କଠାରୁ ପାଇ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗଛରେ ପିଟି ହୋଇ ବାଇକ୍ ଆରୋହୀ ଗୁରୁତର

ତେଲକୋଇ, ୩।୧୨(ଡି.ଏନ.ଏ.)-ତେଲକୋଇ ଥାନା ଅନ୍ତର୍ଗତ ଖୁଣ୍ଟାପଡା ପଞ୍ଚାୟତର କୁଲାଡେରା ଗ୍ରାମରୁ ମଙ୍ଗଳବାର ତେଲକୋଇ ଅଭିମୁଖେ ଆସୁଥିବା ବିରେନ୍ଦ୍ର ମୁଣ୍ଡା(୨୦)ଓ ତୁରୀ ମୁଣ୍ଡା ଏକ ଗଛରେ ପିଟି ହେବାରୁ ବୀରେନ୍ଦ୍ର ଗୁରୁତର ହୋଇପଡିଛନ୍ତି। ଏହି ଘଟଣା ଅପରାହ୍ନ ସମୟରେ ଘଟିଥିବା ବେଳେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ତେଲକୋଇ ଚିକିତ୍ସାଳୟ ଏବଂ ପରେ ବିରେନ୍ଦ୍ରଙ୍କୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି ।

### କଫସିରପ୍ ଜବତ, ଜଣେ ଗିରଫ

ସୋର, ୩।୧୨(ଡି.ଏନ.ଏ.)- ସୋର ଅବକାରୀ ବିଭାଗ ତରଫରୁ ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ନାୟକସାହି ଗ୍ରାମରେ ଚଢ଼ାଉ କରାଯାଇ ଦୁଇଶହରୁ ଉର୍ଦ୍ଧ୍ୱ କଫସିରଫ୍ ଜବତ କରାଯାଇଛି। ଏହି ଗ୍ରାମର ଲକେଶ ନାୟକଙ୍କଠାରୁ ଜବତ କରାଯାଇଛି। ଚଢ଼ାଉ ସମୟରେ ବାଲେଶ୍ୱର, ସୋର, ନୀଳଗିରି ଅବକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର

କେନ୍ଦୁଝର, ୩।୧୨(ସ୍ୱ.ପ୍ର.)-ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ପାଟେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଦୁଇଦିନିଆ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ରମାକାନ୍ତ ସ୍ୱାଇଁଙ୍କ ପ୍ରୋତ୍ସାହନରେ ଅନୁଷ୍ଠିତ ଏହି ଶିବିରକୁ ସଂଯୋଜିକା ଅଧାପିକା ଗୀତାରାଣୀ ମହାନ୍ତ, ଅନୁପମା ମହାପାତ୍ର, ସୁଜାତା ଗିରି, ଗୀତାଞ୍ଜଳି ଗିରି, ଶୁଭଦର୍ଶିନୀ ମହାପାତ୍ର, ଭାରତୀ ମହାନ୍ତ, ଅଧାପକ ପ୍ରଶାନ୍ତ କୁମାର ନାଥ, ଶୁଭେନ୍ଦୁ କୁମାର ସାହୁ, ଆନନ୍ଦ ଚନ୍ଦ୍ର ନନ୍ଦ ଓ କର୍ମଚାରୀ ଧୃତରାଷ୍ଟ୍ର ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ ।

### ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

ଝୁମ୍ପୁରା, ୩।୧୨(ଡି.ଏନ.ଏ.)-ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତର ଅବସରପ୍ରାପ୍ତ ପ୍ରଶାନିକ ଅଧିକାରୀ ସାହୁ ମୁଣ୍ଡା (୬୮ ବର୍ଷ)ଙ୍କର ନଭେମ୍ବର ୩୦ ପରଲୋକ ଘଟିଛି। ଅଳ୍ପ ଦିନର ଶଯ୍ୟା ସାଇ ପରେ ତାଙ୍କର ବିୟୋଗ ଘଟିଥିବାବେଳେ, ମୃତ୍ୟୁ ଶଯ୍ୟା ପାଖରେ ତାଙ୍କର ୨ପୁଅ,ବୋହୁ, ଝିଅ, ଜ୍ୱାଇଁ ଉପସ୍ଥିତ ରହିଥିଲେ। ସାହୁ ମୁଣ୍ଡା ତାଙ୍କର ଚାକିରି କ୍ଷେତ୍ରରେ ଅତିରିକ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସେଟେଲମେଣ୍ଟ ଅଫିସର, ରାଉରକେଲାରେ ୱେଲଫେୟାର ଅଫିସର ପଦ ପଦବୀରେ ରହିଥିଲେ ହେଁ, ତାଙ୍କର ସରଳ ଜୀବନଯାପନ ପାଇଁ ଖେଣ୍ଡରା ପଞ୍ଚାୟତ ବାସୀଙ୍କ ମଧରେ ବେଶ ଆଦୃତ ରହିଥିଲେ।

### ଅମଳ ଦିବସରେ ଭାଗ ନେଲେ ଶତାଧିକ ଚାଷୀ

କେନ୍ଦୁଝର,୩।୧୨(ସ୍ୱ.ପ୍ର.)-ଟୁକୁଡ଼ିହାଠାରେ ଚାଷୀଙ୍କ କିସମ ଧାନ ଉପରେ ଅମଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଟୁକୁଡ଼ିହା ଗ୍ରାମର ଚାଷୀ ଡମ୍ବରୁଧର ବେହେରାଙ୍କ କ୍ଷେତରେ ଏକ ଫସଲ କଟାକୁ କେନ୍ଦ୍ର କରି ଏହି ଅମଳ ଦିବସ ପାଳନ କରାଯାଇଥିଲା। ଉକ୍ତ ଦିବସରେ ଟୁକୁଡ଼ିହା ବରାପୋସି ଶିଂସିଂମାନ ଜିନି ସମସ୍ତ ଗ୍ରାମର ପ୍ରାୟ ୩ଶହ ଚାଷୀଙ୍କୁ ଏକତ୍ରିତ କରି ଉନ୍ନତ କିସମ ଧାନ ଓ ତାର ଅମଳ ସମ୍ପର୍କରେ ଅବଗତ କରାଯାଇଥିଲା। କେନ୍ଦୁଝର ଜିଲା ଅଧିକାରୀ ନିହାର ରଞ୍ଜନ ଦାସ ଏବଂ ଉଖୁଣ୍ଡା ଉପଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ସଦର ବ୍ଲକ ଅଧିକାରୀ ଦିବାକର ମହାନ୍ତଙ୍କ ସମେତ ହରିଚନ୍ଦନପୁର ଅଧିକାରୀ ସୁବ୍ରତ ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଧାନ ଏକର ପ୍ରତି ୨୫ରୁ ୩୫ କୁଇଣ୍ଟାଲ ଅମଳ ଉପରେ ଗୁରୁତ୍ୱ ଦିଆଯାଇଥିଲା।

### ନୂଆ ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ବାରିପଦା ଅଫିସ,୩।୧୨- ମୟୂରଭଞ୍ଜ ଜିଲାର ନୂତନ ଅତିରିକ୍ତ ଜିଲାପାଳ ଭାବରେ ସ୍ୱଧା ଦେବ ସିଂ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଗଜପତି ଜିଲାରେ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ ତୁଲାଉଥିଲେ। ମୟୂରଭଞ୍ଜ ଜିଲାରେ ଅତିରିକ୍ତ ଜିଲାପାଳ ଭାବରେ ତାଙ୍କର ଯୋଗଦାନ ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ଏକାବେଳେ ୨ ଶ୍ରେଣୀର ପିଲାଙ୍କୁ ପଢ଼ାଉଛନ୍ତି ଜଣେ ଶିକ୍ଷକ

ବାହାନଗା, ୩।୧୨(ଡି.ଏନ.ଏ.)-

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ମଧ ଦେଇ ଗତି କରୁଛି। ଏଠାରେ ଶ୍ରେଣୀଗୃହ ସାଙ୍ଗକୁ ଶିକ୍ଷକଙ୍କ ମଧ ଅଭାବ ରହିଛି। ୮ଟି ଶ୍ରେଣୀକୁ ୬ଜଣ ଶିକ୍ଷକ ପାଠ

**ଶ୍ରେଣୀଗୃହ ସାଙ୍ଗକୁ ଶିକ୍ଷକ ଅଭାବ**

ପଢାଉଛନ୍ତି। ସମ୍ପୃକ୍ତ ବିଦ୍ୟାଳୟରେ ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପିରିୟଡରେ ଏକକାଳୀନ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢାଉଛନ୍ତି ଶିକ୍ଷୟିତ୍ରୀ ଓ ଶିକ୍ଷକ। ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ କେହି ନ ଥିବାରୁ ଗଣିତ କିମ୍ବା ବିଜ୍ଞାନ ବିଷୟ ବହି ଖୋଲାଯାଇନାହିଁ । ମାସକ ପରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅନୁଷ୍ଠିତ ହେବ। ପିଲାଙ୍କ ପାଠପଢା ନେଇ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସାହାସପୁରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୯୬ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ଜଣେ ପିଇଟି ଶିକ୍ଷୟିତ୍ରୀଙ୍କୁ ମିଶାଇ ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ସରକାର ବିଦ୍ୟାଳୟର ଆବଶ୍ୟକ ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେଇନାହାନ୍ତି। ଦୀର୍ଘଦିନ ଧରି ଜଣେ ବିଜ୍ଞାନ ଶିକ୍ଷକଙ୍କ ଏହି ବିଦ୍ୟାଳୟକୁ ବଦଳି ହୋଇଥିଲେ ମଧ ସେ ଏଠାକୁ ଆସୁ ନାହାନ୍ତି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି ସୁଫଳ ମିଳୁନି। ଅନ୍ୟ ଜଣେ ଶିକ୍ଷକଙ୍କୁ ସିଆରସିସି ଭାବେ ନିଯୁକ୍ତି ଦିଆଯାଇଥିବାରୁ ସେ ମଧ ବିଦ୍ୟାଳୟକୁ ପାଠ ପଢାଇବାକୁ ଆସୁନାହାନ୍ତି । ଫଳରେ ଦୀର୍ଘଦିନ ଧରି ବିଜ୍ଞାନ ଓ ଗଣିତ ବିଷୟ ବହି ଖୋଲାଯାଇନାହିଁ। ତେବେ ବିଦ୍ୟାଳୟର ପିଇଟି ଶିକ୍ଷକଙ୍କ ଦ୍ୱାରା ବିଜ୍ଞାନ ପାଠ ପଢାଯାଉଥିବା ନେଇ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି । ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଦାସ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ସ୍ୱୀକାର କରିଛନ୍ତି।

**ସାହାସପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



## କରଞ୍ଜିଆ ପାଇଁ ଖବରଦାତା ଆବଶ୍ୟକ

କରଞ୍ଜିଆ ବ୍ଲକ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧରେ ଆବେଦନ କରିପାରିବେ।

# ଦିବ୍ୟାଙ୍ଗ ଅକ୍ଷମ ନୁହନ୍ତି



ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଔପଦା, ୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସଂଲଗ୍ନ ଔପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ମଙ୍ଗଳବାର ପାଳିତ ହୋଇଛି। ପ୍ରଥମେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ଶୋଭାଯାତ୍ରା ଔପଦା ବଜାର ପରିକ୍ରମା କରି ଔପଦା ପ୍ରାଥମିକ ବିଦ୍ୟାଳୟ ସଭା ମଞ୍ଚ ନିକଟରେ ପହଞ୍ଚିଥିଲା। ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଗିରିଙ୍କ ଅଧକ୍ଷତାରେ ଓ ବିଆର୍‌ପି ଲମ୍ବୋଦର ମିଶ୍ରଙ୍କ ସଂଯୋଜନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏବିଇଓ ଶମ୍ଭୁନାଥ ଗୋଚ୍ଛାୟତ, ଶ୍ରୀଧର ଉପାଧ୍ୟାୟ, ରତ୍ନାକର ଦାଶ, ସଦର ତଳକିଆ ସରପଞ୍ଚ ମଧୁସୂଦନ ମଲ୍ଲିକ, ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ଏମ୍‌ପି ପ୍ରତିନିଧି ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଦିବ୍ୟାଙ୍ଗମାନେ ଦୁର୍ବଳ ଓ ଅକ୍ଷମ ନୁହନ୍ତି, ସେମାନଙ୍କ ପ୍ରତି ଶ୍ରଦ୍ଧା, ସହାନୁଭୂତି ଓ ସହଯୋଗ ରହିଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ଏଥିପାଇଁ ସରକାରୀ ସହାୟତା ସହ ସାମାଜିକ ପ୍ରତିବଦ୍ଧତା ଅପରିହାର୍ଯ୍ୟ ବୋଲି କହିବା ସହ ଭୀମଭୋଇ, ହେଲେନ୍‌କେଲରଙ୍କ ପଦାଙ୍କକୁ ଦିବ୍ୟାଙ୍ଗମାନେ ଅନୁସରଣ କଲେ ସମାଜ ଅଧିକ ସମୃଦ୍ଧ ହେବ ବୋଲି କହିଥିଲେ। ସିଆର୍‌ସି ସୁରେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଲମ୍ବୋଧର ମିଶ୍ର ସ୍ୱାଗତଭାଷଣ ଦେଇଥିଲେ। ଶେଷରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଡାଲଙ୍ଗ କ୍ରିକେଟ୍ ଟୁର୍ନାମେଣ୍ଟ: ଇଲେଭେନ ଷ୍ଟାର ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ଖଇରା, ୩।୧୨(ଡି.ଏନ.ଏ.)-

ବାଲେଶ୍ୱର ଜିଲା ଖଇରା ବ୍ଲକ ଡାଲଙ୍ଗ ପଞ୍ଚାୟତ ଅଧୀନ ଖଇରାଡିହି ଗ୍ରାମର ଫ୍ରିଡମ୍ ଫାଇଟର କ୍ଲବ୍ ଆନୁକୂଲ୍ୟରେ ନିଆଁଖିଆ ପଡିଆରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଇଲେଭେନଷ୍ଟାର୍ ବୁଢାଗଡିଆ ଓ ମାଣିତ୍ରୀ ଏକାଦଶ ମଧରେ ମୁକାବିଲା ହୋଇଥିଲା। ଇଲେଭେନଷ୍ଟାର ବୁଢାଗଡିଆ ଟସ୍ ଜିତି ବ୍ୟାଟିଂ କରିବା ସହ ୨୦ ଓଭର୍ ଖେଳି ୧୧୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମାଣିତ୍ରୀ ଏକାଦଶ ୧୮ ଓଭ୍‌ର ଖେଳି ମାତ୍ର ୭୦ରନ୍ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାସ୍କର ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଗଜେନ୍ଦ୍ର ପଣ୍ଡା ଏବଂ ସମ୍ମାନନୀୟ ଅତିଥି ଭାବେ କମଳାକାନ୍ତ ଦ୍ୱାରୀ ଯୋଗଦେଇଥିଲେ। ମ୍ୟାଚ୍‌କୁ ସରୋଜ କୁମାର ସାହୁ ଏବଂ ମନୋରଞ୍ଜନ ସାହୁ ପରିଚାଳନ କରିଥିବା ବେଳେ ଶୁଭେନ୍ଦୁ କୁମାର ଶିଅଳ, ହିମାଂଶୁ ଦ୍ୱାରୀ, ଆଶିଷ ରଞ୍ଜନ ବେହେରା, ଯୋଶେଫ ରାଉତ, ଦୀପ୍ତି ରଞ୍ଜନ ଶିଅଳ, ବିଶ୍ୱଭୂଷଣ ଶିଅଳ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମୟୂର ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବେତନଟୀ,୩।୧୨(ଡି.ଏନ୍.ଏ.)-

ବେତନଟୀସ୍ଥିତ ମୟୂର ସାହିତ୍ୟ ସଂସଦର ୨୪ତମ ବାର୍ଷିକ ଉତ୍ସବ ରବିବାର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସାହିତ୍ୟ ପ୍ରତିକା 'ବନ ମୟୂରୀ' ଉନ୍ମୋଚିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବିୟିତ୍ରୀ କବି ଯୋଗଦାନ କରିଥିଲା ବେଳେ ସୁଶ୍ରୀ ନମିତା ରାଉତ ଓ କବିତା ନନ୍ଦଙ୍କ ଦ୍ୱାରା କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବ ଅଧିବେଶନରେ ଅନୁଷ୍ଠାନର ସଭାପତି ଜୟନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ଅଧିବେଶନକୁ ଉଦଘାଟନ କରିଥିବାବେଳେ ସମ୍ପାଦକ ଯତିନ୍ଦ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରେବତୀର ସମ୍ପାଦିକା ସମାଜସେବୀ ସୁଭାସିନୀ ଜେନା, ମୁଖ୍ୟ ବକ୍ତା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷା ସୁହାସିନୀ ମହାପାତ୍ର, ସମ୍ମାନନୀୟ ଅତିଥି ଧର୍ମ ଜାଗରଣ ସମନ୍ୱୟ ସମିତିର ମହେଶ ତ୍ରିପାଠୀ ଯୋଗଦାନ କରି ସମାଜର ମଙ୍ଗଳ ନିମନ୍ତେ ସାହିତ୍ୟର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ପତ୍ରିକା ସମ୍ପାଦକ ନୀରଦ ସୁନ୍ଦର ଜେନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ବୀଣାପାଣି ସାହୁ ,ସୀମାଦାସ ଖଟୁଆ ,ସବିତା ମିଶ୍ର ,ରୀନା ପରିଡ଼ା,ଭାସ୍କର ଦ୍ୱିବେଦୀ ,ସଂଦେବ ଗିରି, ଗୌତମ ଚନ୍ଦ୍ର ବେହେରା ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗ୍ରାମବାସୀ ଅଟକାଇଲେ ବାଲି ବୋଝେଇ ହାଇୱା

ବଡ଼ସାହି,୩।୧୨(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡସାହି ତହସିଲ ଅଧିନରେ ଥିବା ଡିଙ୍ଗିରା ସୈରାତରୁ ବାଲି ବୋଝେଇ କରି ଫେରୁଥିବା ୩ଟି ଡମ୍ଫରକୁ ମଙ୍ଗଳବାର ଗ୍ରାମବାସୀ ଅଟକ ରଖିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ଅତିରିକ୍ତ ତହସିଲଦାରଙ୍କୁ ଖବର ଦେବା ପରେ ବିଳମ୍ବରେ ଆସିବା ଯୋଗୁଁ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା । ସୀମା ନିର୍ଦ୍ଧାରଣ କରାଯାଇ ବାଲି ଉତ୍ତୋଳନ କରିବା ସହ ଦୁଇ ଗ୍ରାମ ମଧରେ ଆପୋଷ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଟକ ଡମ୍ଫରକୁ ଲୋକେ ଛାଡିଥିଲେ।

ସୂଚନା ଅନୁଯାୟୀ, ବୁଢାବଳଙ୍ଗ ନଦୀ ଡିଙ୍ଗିରା ସୈରାତରୁ ଜେସିବି ମେଶିନ ଯୋଗେ ବାଲି ଉତ୍ତୋଳନ ହେଉଥିବା ଏକ ଖବର ରବିବାର ଧରିତ୍ରୀରେ 'ଲୁଟ ହେଉଛି ଖଣିଜ ସମ୍ପଦ' ପ୍ରକାଶ ପାଇଥିଲା । ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ମଙ୍ଗଳବାର କୁଳିଅଣା(ବି) ଓ ନିଶ୍ଚିନ୍ତପୁର ଗ୍ରାମର ଗ୍ରାମବାସୀ ୩ଟି ବାଲି ବୋଝେଇ ହାଇୱା ଅଟକ ରଖି ବଡ଼ସାହି ଥାନା ଓ ତହସିଲ କାର୍ଯ୍ୟାଳୟକୁ ଖବର ଦେଇଥିଲେ । ଉଭୟ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ସବଇନିସ୍‌ପେକ୍ଟର ମଞ୍ଜୁଳତା ଧଡ଼ା ଓ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ପରିଡ଼ା ଉଠାଣୀନୂଆଗାଁ ବାଲିଘାଟ ବିବାଦ ସମାଧାନ ପାଇଁ ପୋଲିସ୍ ଫୋର୍ସ ସହିତ ଯାଇଥିବାରୁ ଯଥା ସମୟରେ ପହଞ୍ଚି ପାରି ନ ଥିଲେ । ତେବେ ସନ୍ଧ୍ୟାରେ ଅତିରିକ୍ତ ତହସିଲଦାର ପହଞ୍ଚିବା ବେଳକୁ ବାଲି ଉତ୍ତୋଳନ କରୁଥିବା ଜେସିବି ମେଶିନ ଗୁଡ଼ିକୁ ପାଇ ନ ଥିଲେ । ପ୍ରଶାସନ ଜାଣି ଶୁଣି ଚୋରା ଚାଲାଣକାରୀଙ୍କୁ ସହାୟତା ଦେଉଥିବାରୁ ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହେବା ସହିତ ନବନିର୍ମିତ ବୁଢ଼ାବଳଙ୍ଗ ସେତୁ ପ୍ରତି ବିପଦ ଦେଖା ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ବଡ଼ସାହିର ଭାରପ୍ରାପ୍ତ ତହସିଲଦାର ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରୁ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରାଯାଇଛି । ମେଶିନ ଲାଗିଥିଲେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିଲେ ଗୁରୁକୁଳ ଛାତ୍ରୀଛାତ୍ର

ଢେଙ୍କିକୋଟ, ୩।୧୨(ଡି.ଏନ୍.ଏ.)- ଘଟଗାଁ ବ୍ଲକ ଗଦାଧରପୁର ଗ୍ରାମ ପଞ୍ଚାୟତ କୁଢ଼ଟାଙ୍ଗରସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଶ୍ରୀଗୁରୁକୁଳ ଇଂରାଜୀ ମାଧମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଙ୍ଗଳବାର ବିଶ୍ୱ ଦିବ୍ୟାଙ୍ଗ ଦିବସକୁ ପାଳନ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାବେଳେ ବିଦ୍ୟାଳୟରୁ ବାହାରି ଢେଙ୍କିକୋଟ ବଜାର, ସାହିବସ୍ତି ବୁଲି ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧମରେ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଛୋଟ ଛୋଟ ପିଲାମାନେ ଦିବ୍ୟାଙ୍ଗମାନେ ସବୁ କର୍ମକ୍ଷେତ୍ରରେ ସାଧାରଣ ଲୋକଙ୍କ ପରି କାର୍ଯ୍ୟ କରିବାର କ୍ଷମତା ପାଇପାରିବେ ବୋଲି ସଚେତନ କରିଛନ୍ତି।

# 'ଦିବ୍ୟାଙ୍ଗଙ୍କ ପ୍ରତିଭା ଚିହ୍ନି ସୁଯୋଗ ଦିଅ'

ବାଲେଶ୍ୱର ଅଫିସ, ୩।୧୨

ବାଲେଶ୍ୱର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ମଙ୍ଗଳବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ମଧରେ ଭରି ରହିଥିବା ପ୍ରତିଭା ଓ ଦକ୍ଷତା ଚିହ୍ନି ଉପଯୁକ୍ତ ମଞ୍ଚ ଯୋଗାଇ ଦେଲେ ସେମାନେ ରାଷ୍ଟ୍ର ଗଠନରେ ସାମିଲ ହୋଇପାରିବେ ବୋଲି ପ୍ରକାଶ କରିଥିଲେ।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ ଅଧକ୍ଷତା କରି ପରିସଂଖ୍ୟାନ ଅନୁଯାୟୀ ଜିଲାରେ ଭିନ୍ନକ୍ଷମଙ୍କ ସଂଖ୍ୟା ୭୦,୭୩୬ ଥିବାବେଳେ ଏଯାବତ୍ ୩୭,୮୮୦ଜଣଙ୍କର ସର୍ବଭାରତୀୟ ପରିଚୟ ପତ୍ର ପାଇଁ ପଞ୍ଜୀକୃତ ହୋଇସାରିଥିବା ସୂଚନା ଦେଇଥିଲେ। ସେମାନଙ୍କ ମଧରୁ ୨୧,୫୫୫ ଜଣଙ୍କର ପ୍ରମାଣପତ୍ର ସୃଷ୍ଟି ହୋଇସାରିଛି । ତେବେ ୧୦ହଜାର ଆବେଦନ ସ୍ଥଗିତ ରହିଛି । ସେହିପରି ମଧୁବାବୁ ପେନସନ୍ ଯୋଜନାରେ ୧୯,୧୫୪ଜଣଙ୍କୁ ସରକାରୀ ଭତ୍ତା ପ୍ରଦାନ କରାଯାଉଛି ଏବଂ ୪୦୯୩ ଜଣଙ୍କୁ ବସ ପାସ୍ ପ୍ରଦାନ କରାଯାଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ, ସ୍ୱେଚ୍ଛାସେବୀ ଗୋପାଳ କର ପ୍ରମୁଖ ଯୋଗଦେଇ ଆଜିର ଦିବସ ସମ୍ପର୍କରେ କହିଥିଲେ। ସେହିପରି ଜଣେ ଦୃଷ୍ଟିବାଧିତ ଶିକ୍ଷକ ଅଭିରାମ ସାବତ ତାଙ୍କର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧରେ ଚିତ୍ରାଙ୍କନ, ତର୍କ, ଏକାଙ୍କିକା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସେହିପରି ସହରର ଥିବା ମିଶନ ବାଳିକା ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଉକ୍ତ ଦିବସ ପାଳନ କରାଯାଇଥିଲା। ଏବିଓ ବିକର୍ତ୍ତନ ନାୟକ ଓ ଦୀପ୍ତିଲତା ଦାସ, ସିଆର୍‌ସିସି ସଙ୍ଗୀତା ରଥ, ବିଦ୍ୟାଳୟ କମିଟିର ସଭାପତି ରବିନାରାୟଣ ଦାସ, ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ବକ୍ତବ୍ୟ ଦେଇଥିଲେ।

# ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ

ଚମ୍ପୁଆ, ୩।୧୨(ଡି.ଏନ.ଏ)-

ଚମ୍ପୁଆ ରାଜସ୍ୱ ବିଭାଗ ଅଧୀନରେ ରହିଥିବା ବିଭିନ୍ନ ବାଲି ଓ ପଥର ଖଣି ଅଞ୍ଚଳରୁ ବେଆଇନ ଭାବେ ଟ୍ରାଞ୍ଜିଟ ପାସ ନ ଥାଇ ବାଲି ଓ ପଥର ଚାଲାଣ ହେଉଥିବା ଜଣାଯାଇଛି। ଏଥିପାଇଁ ଅନେକ ସମୟରେ ପ୍ରଶାସନ ହାତରେ ଗାଡିଗୁଡିକ ଧରାପଡି ଜରିମାନା ଦେଇ ବାହାରୁଛନ୍ତି ସତ, ହେଲେ ଏ କାରବାର ବନ୍ଦ ହେବା ବଦଳରେ ବଢିବାରେ ଲାଗିଛି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ନେଇ ବିଭାଗ ପାଖରେ ସୂଚନା ଥିଲେ ମଧ କର୍ମଚାରୀ ଅଭାବରୁ ଦୃଢ ପଦକ୍ଷେପ ନିଆଯାଇପାରୁନି ବୋଲି ତହସିଲଦାର ଆଲୋକ କୁମାର ପଟେଲ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସ୍ୱତନ୍ତ୍ର ଭାବରେ ଏହି ଚଢାଉକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି। ଚୋରା ବାଲି ଉତ୍ସରୁ ବହୁ ସଂଖ୍ୟାରେ ଟ୍ରକ ମାଧମରେ ବାଲି ଚୋରା ଚାଲାଣ କରାଯାଉଛି। ବିଭାଗ ପକ୍ଷରୁ ଦିନବେଳା ଚଢାଉ କରାଉଥିଲେ ମଧ ରାତ୍ରିବେଳା ଏହି କାର୍ଯ୍ୟ ଅଧିକ ମାତ୍ରରେ କରାଯାଉଛି। ଏପରିକି ଚମ୍ପୁଆ ତହସିଲଦାର ଚଢାଉ କରିବା ପୂର୍ବରୁ କୌଣସି ସୂତ୍ରରୁ ଚୋରା ବାଲି କାରବାର କରୁଥିବା ଲୋକମାନେ ଅଞ୍ଚଳ ଛାଡି ପଳଉଥିବାରୁ ଅନେକ ସମୟରେ ଏହି ଚଢାଉ ସଫଳ ହୋଇପାରୁନାହିଁ।




ଯୋଡା ସହରରେ ଟାଟାଷ୍ଟିଲ ପକ୍ଷରୁ ଆୟୋଜିତ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଯୋଡା, ୩।୧୨(ଡି.ଏନ.ଏ.)

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଟାଟା ଷ୍ଟିଲର ସିଏସ୍‌ଆର ସଂସ୍ଥା ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟିଏସ୍‌ଆରଡିଏସ୍) ପକ୍ଷରୁ କେନ୍ଦୁଝର ଜିଲା ଯୋଡା ସହରର ବିଭିନ୍ନ ସ୍ଥାନରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚ୍‌ଆଇଭି ଓ ଏଡ୍‌ସ ଏବଂ ଏହାର ସଞ୍ଚାରଣ ହେବା ପ୍ରକ୍ରିୟା ଓ ଔଷଧ ସହିତ ଏହାର ସଂକ୍ରାନ୍ତରେ ସାଧାରଣ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଉକ୍ତ ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ଅଭିଯାନ ଅନ୍ତର୍ଗତ ଯୋଡ଼ା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩ଟି ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରଥମେ ବାଂଶପାଣି ମୁଣ୍ଡା ସାହିରେ ଆୟୋଜିତ ହୋଇଥିଲା । ଏଥିରେ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ସେହିପରି ବାସୁଦେବପୁର କନ୍ୟା ଆଶ୍ରମରେ ଆୟୋଜିତ ଦ୍ୱିତୀୟ ସଚେତନତା ଅଧିବେଶନରେ ପ୍ରାୟ ୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ବିଚାକୁଣ୍ଡି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ତୃତୀୟ ଅଧିବେଶନରେ ପ୍ରାୟ ୪୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ୩ ମାସରେ ୧୦୬୧ ମଦ୍ୟପ ଗାଡ଼ି ଚାଳକ ଗିରଫ

ବାରିପଦା ଅଫିସ,୩।୧୨- ନୂତନ ମୋଟର ଯାନ ଆଇନ ସଂଶୋଧନ ହେବା ପରେ ପୋଲିସ ବିଭାଗ ପକ୍ଷରୁ ଯାନବାହାନ ଧରପଗଡ କଡାକଡି କରାଯାଉଛି। ବିଶେଷ କରି ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଭାବେ ଚେକିଂ କରାଯାଉଛି। ସୂଚନା ମୁତାବକ କେବଳ ୩ ମାସ (ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର) ମଧରେ ମୟୂରଭଞ୍ଜ ଜିଲାରେ ୧୦୬୧ ଜଣ ମଦ୍ୟପ ଗାଡି ଚାଳକଙ୍କୁ ଗିରଫ କରିଛି ଜିଲା ପୋଲିସ। ସେପ୍ଟେମ୍ବରରେ ୬୧ ଜଣ, ଅକ୍ଟୋବରରେ ୬୧୧ ଜଣ ଓ ନଭେମ୍ବର ମାସରେ ୩୫୯ ଜଣଙ୍କୁ ପୋଲିସ ଗିରଫ କରିଛି।

# ସୁବର୍ଣ୍ଣରେଖା ବାଲିସୈରାତ ଅନୁଧ୍ୟାନ କଲେ ଏନ୍‌ଜିଟି, ଇଏନ୍‌ଭି ଟିମ୍

**ଜଳେଶ୍ୱର,୩।୧୨(ଡି.ଏନ.ଏ./ସ୍ୱ.ପ୍ର)**

ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ବାଲି ଲୁଟ୍ ଘଟଣା ଥମିବାର ନାଁ ଧରୁ ନାହିଁ। ପଶ୍ଚିମବଙ୍ଗ ମାଫିଆମାନେ ନାଲି ଆଖି ଦେଖାଇ ନୌକାରେ ଶକ୍ତିଶାଳୀ ସ୍ୱମ୍ପପମ୍ପ ବ୍ୟବହାର କରି ବାଲି ଲୁଟ୍ କରିବାକୁ ପଛାଉନାହାନ୍ତି। ଓଡ଼ିଶା ପୋଲିସ ଓ ପ୍ରଶାସନ ଉପରେ ବାଲି ମାଫିଆମାନେ ଆକ୍ରମଣ କରିବା ଭଳି ଘଟଣା ଅତୀତରେ ଘଟିଛି। ସୁବର୍ଣ୍ଣରେଖାରୁ ଅବାଧ ଓ ବେଆଇନ ବାଲି ଚାଲାଣ ଯୋଗୁ କୂଳକ୍ଷୟ ଘଟି ଓଡିଶା ପ୍ରତି ବିପଦ ସୃଷ୍ଟି କରିଚାଲିଛି। ଏହି ପରିପ୍ରେକ୍ଷୀରେ ଆନ୍ତଃରାଜ୍ୟ ସୀମା ବିବାଦ ପରିସ୍ଥିତିକୁ ଅଧିକ ଜଟିଳ ରୂପ ଦେଇଛି। ସୁବର୍ଣ୍ଣରେଖା ନଦୀର ବାଲି ସୌରାତରୁ ବେଆଇନ ବାଲି ଉତ୍ତୋଳନ ଓ ସୀମା ବିବାଦ ନେଇ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ରେ ମାମଲା ରୁଜୁ ହୋଇ ବିଚାରାଧୀନ ଥିବା ବେଳେ ମଙ୍ଗଳବାର ହାଇଦ୍ରାବାଦରୁ

**ଉପସ୍ଥିତ ଥିଲେ ଓଡ଼ିଶା ଓ ପଶ୍ଚିମବଙ୍ଗର ପଦାଧିକାରୀ**

ଆସିଥିବା ୬ଜଣିଆ କେନ୍ଦ୍ରୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ଇଏନ୍‌ଭି ଟିମ୍ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ପହଞ୍ଚି ଦୁଇ ରାଜ୍ୟର ପଦାଧିକାରୀଙ୍କ ଉପସ୍ଥିତିରେ ନଦୀ ତଟବର୍ତ୍ତୀ ବାଲି ସୈରାତଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନଜିଟି କମିଟିର ଏହି ଅନୁଧ୍ୟାନ ଓ ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଏନ୍‌ଜିଟି ଟିମ୍‌ର ସଦସ୍ୟମାନେ ଆସି ପହଞ୍ଚିବା ପରେ ବିବାଦୀୟ ବାଲି ସୈରାତ ନିକଟକୁ ଯାଇ ଅନୁଧ୍ୟାନ କରିଥିଲେ। ଏହି ଟିମ୍‌ରେ କେତେକ ପରିବେଶବିତ୍ ରହିଥିଲେ। ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଜିଲାପାଳ ସମ୍ବିତ୍ ନାୟକ, ଜଳେଶ୍ୱର ଅତିରିକ୍ତ ତହସିଲଦାର



କେନ୍ଦ୍ରୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ଇଏନ୍‌ଭି ଟିମ୍‌ର ସଦସ୍ୟମାନେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବାଲି ସୌରାତ ପରିଦର୍ଶନ କରୁଛନ୍ତି।

କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସିଂହ, ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ପାତ୍ର, ସହ ବନାଞ୍ଚଳ ଅଧିକାରୀ ସମୀର କୁମାର ସାହୁ, ଜିଲା ମତ୍ସ୍ୟ ଅଧିକାରୀ ରବିନାରାୟଣ ପଣ୍ଡା, ସହ ଅଧିକାରୀ ମହମ୍ମଦ ଫିରୋଜ, ଜଳେଶ୍ୱର ଏସ୍‌ଡିପିଓ ଉମେଶ ପଣ୍ଡା, ଜଳେଶ୍ୱର ଆଇଆଇସି ପ୍ରଦୀପ ମାଝି ଉପସ୍ଥିତ ଥିଲେ। ସେହିପରି ପଶ୍ଚିମବଙ୍ଗ ମେଦିନିପୁର ଜିଲାର ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ସମେତ ବହୁ ପଦାଧିକାରୀ ମଧ୍ୟ ଉପସ୍ଥିତ ରହିଥିଲେ। ଉଲ୍ଲେଖନୀୟ ଯେ, ଏନ୍‌ଜିଟିରେ ଏନେଇ ମାମଲା ରୁଜୁ ହେବା ପରେ ଏହାର ବିଚାର ଆରମ୍ଭ ହୋଇ ବେଆଇନ ବାଲି ଚାଲାଣ ରୋକିବାକୁ ପ୍ରଶାସନକୁ ତାଗିଦ୍ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସରଜମିନ ତଦନ୍ତ ଲାଗି ଏନ୍‌ଜିଟି ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଓ ପ୍ରଶାସନ ଆଖିରେ ଧୂଳି ଦେଇ ଚୋରା ବେପାରୀମାନେ ସ୍ୱମ୍ପପମ୍ପ ଦ୍ୱାରା ନଦୀର ବହୁ ଗଭୀରରୁ ବାଲି ଉତ୍ତୋଳନ କରି ଏହାକୁ ଚାଲାଣ କରୁଥିବାରୁ ନଦୀତଟରେ ମୃତ୍ତିକା କ୍ଷୟ ସାଙ୍ଗକୁ ଜଙ୍ଗଲ ଓ ମତ୍ସ୍ୟ ସମ୍ପଦ କ୍ରମେ ଲୋପ ପାଇବାକୁ ବସିଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ବାଲିମାଫିଆଙ୍କ ଆକ୍ରୋଶର ଶିକାର ହୋଇ ଆସୁଛନ୍ତି। ଏନଜିଟି ଟିମ୍‌ର ଗସ୍ତ ପରେ ଏଭଳି ଆନ୍ତଃରାଜ୍ୟ ସମସ୍ୟାର ସମାଧାନ ପାଇଁ ବାଟ ଫିଟିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଟଣାଓଟରା ଅଭିଯୋଗରେ ୨ ଗିରଫ

**ଧାମନଗର, ୩।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ନସଲାପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଟ୍ୟୁଶନ ଯାଉଥିବା ଜଣେ ଛାତ୍ରୀଙ୍କୁ ଗତ ୧ ତାରିଖରେ ଦୁଇଜଣ ଯୁବକ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଟଣାଓଟରା କରିଥିବା ନେଇ ଧୂଷୁରୀ ଥାନାରେ ଅଭିଯୋଗ ହୋଇଥିଲା। ଥାନା ଏଏସଆଇ ଧୃତରାଷ୍ଟ୍ର ମଲ୍ଲିକ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଥାନାରେ ଅଟକରଖି ମଙ୍ଗଳବାର ଥାନାରେ ଏକ ମାମଲା (ନଂ. ୨୩୬/୧୯) ରୁଜୁକରି କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନସଲାପୁର ଗ୍ରାମର ତପୁ ମହାଳିକ ଏବଂ ଦିପୁ ମହାଳିକ।

### ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ନେଇ ଗାଡ଼ି ଚାଳକ, ମାଲିକଙ୍କ ନାଁରେ ମାମଲା

**ବନ୍ତ,୩।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଦେବତାଗଡିଆ ଗ୍ରାମରେ ଏକ ଟ୍ରକ ଧକ୍କାରେ ୮ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡି ପଡିଥିବା ଅଭିଯୋଗରେ ପୋଲିସ ଗାଡି ଚାଳକ ଓ ମାଲିକଙ୍କ ନାମରେ ସୋମବାର ଏକ ମାମଲା (ନଂ. ୧୬୦/୧୯) ରୁଜୁ କରି ତଦନ୍ତ କରୁଛି। ବନ୍ତ ନେସ୍କୋ ବିଭାଗ କନିଷ୍ଠ ପରିଚାଳକ ରଞ୍ଜନ କୁମାର ପଣ୍ଡା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଗତ ୩୦ ତାରିଖରେ ଏହି ଟ୍ରକ ଦେବତା ଗଡିଆ ଗ୍ରାମ ଦେଇ ଯିବା ସମୟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଏଥିରେ ପାର୍ଶ୍ୱବର୍ତ୍ତୀ ୮ଟି ବିଦ୍ୟୁତ୍ ଖୁଣ୍ଟ ସମେତ ତାର ଛିଣ୍ଡି ପଡିଥିଲା। ସେବେଠାରୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଗ୍ରାମର ୬୦ ଜଣ ଉପଭୋକ୍ତା ଏବେ ଅନ୍ଧାରରେ ରହୁଛନ୍ତି। ବିଦ୍ୟୁତ୍ ବିଭାଗରେ ପ୍ରାୟ ୨ ଲକ୍ଷ ୨୦ ହଜାର ଟଙ୍କାର କ୍ଷତି ଘଟିଥିବା କୁହାଯାଉଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବା ଫଳରେ ଏହା ହୋଇଛି ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ମନ୍ଦିର ତାଲା ଓ ହୁଣ୍ଡି ଭାଙ୍ଗି ଚୋରି

**ଭଣ୍ଡାରିପୋଖରୀ, ୩।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦିନକୁ ଦିନ ଚୋର ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଗତ ସୋମବାର ସରସଦା ପଞ୍ଚାୟତ ନେନ୍ତିପୁର ସେଠାସାହିଠାରେ ଥିବା ମା' ତାରିଣୀଙ୍କ ମନ୍ଦିରର ଗ୍ରୀଲ ତାଲା ଭାଙ୍ଗି ଚୋରମାନେ ମା' ଙ୍କ ରୁପ ମୁକୁଟ, ଘଣ୍ଟ, କୁବୁଜି, ଛାଞ୍ଜ, ହାତଘଣ୍ଟି ସହ ହୁଣ୍ଡିବାକ୍ସରୁ ଟଙ୍କା ଲୁଟି ନେଇଛନ୍ତି। ମନ୍ଦିର ପୂଜକ ସୂର୍ଯ୍ୟମଣି ପତି ମଙ୍ଗଳବାର ପୂଜା କରିବାକୁ ଯାଇ ଗ୍ରୀଲ ଚାବି ଓ ହୁଣ୍ଡିବାକ୍ସ ଚାବି ଭଙ୍ଗାଯାଇଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲା। ପରେ ଗ୍ରାମବାସୀ ମିଶି ଏନେଇ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

## ■ ଅଙ୍ଗନୱାଡ଼ି କେନ୍ଦ୍ରରେ ଉତ୍ତେଜନା

# ପୁଣି ୭ ଜଣଙ୍କ ନାମରେ ମାମଲା

**ରୂପ୍‌ସା,୩।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଜାମୁନିଆ ଅଙ୍ଗନୱାଡ଼ି କେନ୍ଦ୍ରରେ ଉତ୍ତେଜନା ଲାଗି ରହିଛି। କେନ୍ଦ୍ରରେ ଅନିୟମିତତା ନେଇ ଗ୍ରାମବାସୀ ବସ୍ତା ସିଡ଼ିପିଓଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଏନେଇ ସୋମବାର କେନ୍ଦ୍ର ଚାଲିଥିବା ବେଳେ କେତେକ ମହିଳା, ପୁରୁଷ ଯାଇ କର୍ମୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ପୋଲିସ ପୁଣି ଏକ ମାମଲା (ନଂ. ୯୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଏହା ପୂର୍ବରୁ ମଧ୍ୟ ଅଙ୍ଗନୱାଡ଼ି କେନ୍ଦ୍ରରେ ପଶି ଗ୍ରାମବାସୀ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। କର୍ମୀ ଜଣକ ଥାନାର ଦ୍ୱାରସ୍ଥ ହେବାରୁ ଗତ ନଭେମ୍ବର ୨୩ ତାରିଖରେ ଏକ ମାମଲା (ନଂ. ୮୬/୧୯) ରୁଜୁ ହୋଇଥିଲା।

ଗର୍ଭବତୀ, ପ୍ରସୂତୀଙ୍କୁ ଛତୁଆ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦାନରେ ଅନିୟମିତତା କରୁଥିବା ଅଭିଯୋଗରେ ଗ୍ରାମର ମହିଳା, ପୁରୁଷ ଅକ୍ଟୋବର ୧ ତାରିଖରେ କର୍ମୀଙ୍କୁ କେନ୍ଦ୍ରରେ ଅଟକ ରଖିଥିଲେ। ରୂପ୍‌ସା ଥାନାଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ଶିଶୁଙ୍କୁ ନିମ୍ନମାନର ଖାଦ୍ୟ ଦିଆଯିବା ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଆସୁଥିବା ଛତୁଆ, ଅଣ୍ଡା, ସୁଜି, ବେସନ ଆଦି ପ୍ରଦାନରେ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୨୪ ତାରିଖରେ ସୁପରଭାଇଜର ମେରିଦୁଲାରୀ କିସ୍କୁ କେନ୍ଦ୍ରକୁ ଆସି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ୍ ଘଟଣାର ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଉତ୍ତେଜନା ଲାଗି ରହିଛି।

# ମାର୍ଚ୍ଚ ୩୧ ସୁଦ୍ଧା ନିଲାମ ହେବ ୨୦ ଖଣି

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

■ ଡିସେମ୍ବର ୬ରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୨୯ରେ ଶେଷ ହେବ

■ ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲା ବିଭାଗ

୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୨୦ ଖଣିର ପୁନଃ ଟେଣ୍ଡର କରାଯିବ। ଏ ନେଇ ଖଣି ଓ ଇସ୍ପାତ ବିଭାଗ ଯୁଗ୍ମ ସଚିବ ମଞ୍ଜୁଲତା ସ୍ୱାଇଁ ସୋମବାର ଖଣି ନିର୍ଦ୍ଦେଶକଙ୍କୁ ଚିଠି (ସଂଖ୍ୟା- ୯୪୯୨/୨।୧୨।୨୦୧୯) ଲେଖିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ନଭେମ୍ବର ୩୦ରେ ଅନୁଷ୍ଠିତ ବୈଷୟିକ ମୂଲ୍ୟାୟନ କମିଟି (ଟିଇସି) ଏବଂ ଉଚ୍ଚ କ୍ଷମତାସମ୍ପନ୍ନ କମିଟି (ଏଚ୍ଏଲ୍‌ସି)ରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ୨୦୧୯ ଅକ୍ଟୋବର ୪, ୧୪ ଏବଂ ୧୮ରେ ଡକାଯାଇଥିବା ଟେଣ୍ଡରକୁ ରଦ୍ଦ କରାଯିବ। ଏଥିରେ ଅଂଶଗ୍ରହଣ କରିଥିବା ବିଡରମାନେ ଦେଇଥିବା ବ୍ୟାଙ୍କ ଗ୍ୟାରେଣ୍ଟି ବାବଦ ଅର୍ଥ ସେମାନଙ୍କୁ ଫେରସ୍ତ କରାଯିବ। ଏଥିସହିତ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୨୦ଟି ଖଣିର ଏକକାଳୀନ ଟେଣ୍ଡର ଡାକିବାକୁ କୁହାଯାଇଛି। ୨୦୧୯ ଅକ୍ଟୋବର ୧୮ ତାରିଖରେ କରାଯାଇଥିବା ବିଜ୍ଞପ୍ତି ଆଧାରରେ ଟେଣ୍ଡର ଆହ୍ୱାନ କରାଯିବ। ପ୍ରତ୍ୟେକ ବ୍ଲକର ଟେଣ୍ଡର ଡକ୍ୟୁମେଣ୍ଟ ପାଇଁ ୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଯଦି ପୂର୍ବରୁ ସେହି ବିଡର୍ ଅମାନତ ରାଶି ଜମା କରିଥିବେ ତେବେ ତାହା ନୂତନ ଟେଣ୍ଡର ଆବେଦନ ସମୟରେ ଆଡ୍‌ଜଷ୍ଟ କରାଯିବ। ପ୍ରତ୍ୟେକ ବିଡର୍ ଏକ ନିର୍ଦ୍ଦିଷ୍ଟ ଖଣି ପାଇଁ ଟେଣ୍ଡରରେ ଭାଗ ନେଇପାରିବେ। ଗୋଟିଏ ଖଣି ପାଇଁ ଏକାଧିକ ଆବେଦନ କଲେ ତାହା ଖାରଜ କରାଯିବ। ନୂତନ ଟେଣ୍ଡର ପ୍ରକ୍ରିୟା ଡିସେମ୍ବର ୬ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୨୯ ତାରିଖରେ ଶେଷ ହେବ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟ ସରକାର ୧୦ଟି ଖଣି ନିଲାମ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିପାଇଁ ୧୭୬ଜଣ ବିଡର ଆବେଦନ କରିଥିଲେ। ଏପରିକି ବୈଷୟିକ ମୂଲ୍ୟାୟନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏଥିରେ ଯୋଗ୍ୟତା ହାସଲ କରିଥିବା ବିଡରମାନଙ୍କ ତାଲିକା ଆସନ୍ତା ୯ ତାରିଖରେ ପ୍ରକାଶ ପାଇବ ବୋଲି ନଭେମ୍ବର ୧୮ରେ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଥିଲା।

# ଇନ୍‌ସ୍ପେକ୍ଟରସ୍ତରରେ ଅଦଳବଦଳ

**ବାରିପଦା ଅଫିସ,୩।୧୨**

ଇଷ୍ଟର୍ଣ୍ଣ ରେଞ୍ଜ ପୋଲିସ ଆଇଜି ଦିପ୍ତେଶ ପଟ୍ଟନାୟକ ମଙ୍ଗଳବାର ଇନ୍‌ସ୍ପେକ୍ଟରସ୍ତରରେ ଏକ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲାର ୧୩ ଜଣ ଇନ୍‌ସ୍ପେକ୍ଟରଙ୍କୁ ଏଥିରେ ଅଦଳ ବଦଳ କରାଯାଇଛି। ରେଞ୍ଜ ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ବୈଠକରେ ହୋଇଥିବା ନିଷ୍ପତ୍ତି ପରେ ଚିଠି ନଂ.୧୨୭(୩।୧୨।୨୦୧୯)ରେ ଏହି ବଦଳି ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଇନ୍‌ସ୍ପେକ୍ଟର ପର୍ଶୁରାମ ସାହୁଙ୍କୁ ମୟୂରଭଞ୍ଜରୁ ବାଲେଶ୍ୱର, ବିଶ୍ୱରଞ୍ଜନ ରାଉତରାୟଙ୍କୁ ମୟୂରଭଞ୍ଜରୁ ବାଲେଶ୍ୱର, ଚନ୍ଦନ ଘଡେଇଙ୍କୁ ମୟୂରଭଞ୍ଜରୁ ଭଦ୍ରକ ଓ ନବ କିଶୋର ନାୟକଙ୍କୁ ମୟୂରଭଞ୍ଜରୁ ଭଦ୍ରକ ଜିଲାକୁ ବଦଳି କରାଯାଇଛି। ସେହିପରି ଇନ୍‌ସ୍ପେକ୍ଟର ଦୟାନିଧୀ ଦାଶଙ୍କୁ ଭଦ୍ରକରୁ ମୟୂରଭଞ୍ଜ, ଜୀବନ ମୋହନ ନାୟକଙ୍କୁ ଭଦ୍ରକରୁ ମୟୂରଭଞ୍ଜ, ବନ୍ଦନା ଦେବୀଙ୍କୁ ଭଦ୍ରକରୁ ମୟୂରଭଞ୍ଜ ଓ ଜୟନ୍ତ ବେହେରାଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ ଜିଲାକୁ ବଦଳି କରାଯାଇଛି। ଇନ୍‌ସ୍ପେକ୍ଟର ମମତାସାହୁଙ୍କୁ ବାଲେଶ୍ୱର ଜିଲାରୁ ଭଦ୍ରକ, ପ୍ରଦୀପ କୁମାର ମାଝୀଙ୍କୁ ବାଲେଶ୍ୱର ଜିଲାରୁ ଭଦ୍ରକ, ତୁଳସୀ ମାଝୀଙ୍କୁ ବାଲେଶ୍ୱର ଜିଲାରୁ ଭଦ୍ରକ , କମଳ ଲୋଚନ ଭୂୟାଁଙ୍କୁ ଭଦ୍ରକ ଜିଲାରୁ ବାଲେଶ୍ୱର,ସରୋଜିନୀ ସିଂଙ୍କୁ ଭଦ୍ରକ ଜିଲାରୁ ବାଲେଶ୍ୱର ବଦଳି କରାଯାଇଛି।

# କଲେଜ ସାମ୍ନାରେ ଗୋଷ୍ଠୀ ସଂଘର୍ଷ, ୪ ଆହତ

**ତିହିଡ଼ି,୩।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ ସାମ୍ନାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟପକ୍ଷର ୪ଜଣ ଆହତ ହୋଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ଏକ ପ୍ରେମ ଘଟଣାକୁ କେନ୍ଦ୍ର କରି ୨ ଛାତ୍ରଙ୍କ ମଧ୍ୟରେ ବିବାଦ ଉପୁଜିବା ପରେ ସେମାନଙ୍କ ସମର୍ଥକମାନେ ମୁହାଁମୁହିଁ ହୋଇଥିଲେ। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକ କଲେଜ ସାମ୍ନାରେ ଭୁଜାଲି ଓ ବିଭିନ୍ନ ମାରଣାସ୍ତ୍ର ସହାୟତାରେ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ୨ କଲେଜ ଛାତ୍ରଙ୍କ ସମେତ ୪ଜଣ ଆହତ ହୋଇଥିବା କୁହାଯାଉଛି। କଲେଜ ଅଧ୍ୟକ୍ଷ ଛୁଟିରେ ଥିବାରୁ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ରବିନାରାୟଣ ଚୌଧୁରୀ ତିହିଡ଼ି ଥାନା ଆଇଆଇସିଙ୍କୁ ଟେଲିଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଂଘର୍ଷରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଘଉଡ଼ାଇ ଦେଇଥିଲେ। ପୋଲିସ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିବା କହିଛି।




## ■ ପାର୍ସଲ ବଗିରୁ ସାମଗ୍ରୀ ଚୋରି ଘଟଣାର ପର୍ଦ୍ଦାଫାଶ

# ଷ୍ଟେଶନ ମାଷ୍ଟର ସମେତ ୩ ଗିରଫ

**ଭଦ୍ରକ ଅଫିସ, ୩।୧୨**

ବିଭିନ୍ନ ଟ୍ରେନର ପାର୍ସଲ ଭ୍ୟାନରେ ପଠାଯାଉଥିବା ପ୍ୟାକେଟ୍‌କୁ ଚତୁରତାର ସହ ଖୋଲି ସେଥିରୁ ସାମଗ୍ରୀ ଚୋରି କରାଯିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଦୁଇଦିନ ତଳେ ହାଓଡ଼ା-ତିରୁଚିରାପଲ୍ଲୀ ଟ୍ରେନର ପାର୍ସଲ ବଗି ଖୋଲି ସେଥିରେ ଥିବା ପ୍ୟାକେଟ୍‌ରୁ ଲକ୍ଷାଧିକ ଟଙ୍କାର ଦାମୀ ଶାଢ଼ି ଚୋରି କରି ନିଆଯାଇଥିଲା। ଏହି ଘଟଣାରେ ଖୋଳତାଡ କରୁଥିବା ଭଦ୍ରକ ଆର୍‌ପିଏଫ୍ କୌଣସି ସୂତ୍ରରୁ ସୂଚନା ପାଇ ଇଷ୍ଟ କୋଷ୍ଟ ରେଳବାଇ ଅଧୀନ ମଞ୍ଜୁରିରୋଡ଼ ଷ୍ଟେଶନରେ ମଙ୍ଗଳବାର ଚଢାଉ କରିଥିଲା। ଆର୍‌ପିଏଫ୍ ଆଇଆଇସି ବିକାଶ ରଞ୍ଜନ ସିଂ ଓ ଏସ୍‌ଆଇ ଲାଲବିହାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ପାର୍ସଲ ବଗିରୁ ପ୍ୟାକେଟ୍ ଖୋଲି ଚୋରି କରି ନିଆଯାଇଥିବା କେତେକ ଦାମୀ ଲୁଗା ସେଠାକାର ଷ୍ଟେଶନ ପରିସରରୁ ଜବତ କରିଥିଲା। ଏହି ଘଟଣାରେ ଆର୍‌ପିଏଫ୍ ମଞ୍ଜୁରିରୋଡ଼ ଷ୍ଟେଶନ ମାଷ୍ଟର କୁର୍ତ୍ତବର୍ମା ଓଝାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି।



ମଞ୍ଜୁରିରୋଡ଼ ଷ୍ଟେଶନ ମାଷ୍ଟରଙ୍କ ସମେତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

ଗିରଫ ଷ୍ଟେଶନ ମାଷ୍ଟରଙ୍କ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣିଆ ଗାଁରେ। ଅନ୍ୟ ଦୁଇ ଗିରଫ ଅଭିଯୁକ୍ତ ହେଲେ ରେଳ କର୍ମଚାରୀ ଟୋକେନ ପୋର୍ଟର ଖୋର୍ଦ୍ଧା ଜିଲା ରାମଚନ୍ଦ୍ରପୁର ଗାଁର ସାମସନ ବିଶ୍ୱାଳ ଏବଂ ମଞ୍ଜୁରିରୋଡ଼ ନିକଟସ୍ଥ ସାତଶୋଳା ଗାଁର ସହଯୋଗକାରୀ ସନ୍ତୋଷ ସେନାପତି। ଏହି ୩ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଭଦ୍ରକ ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଟୋ ଡ୍ରାଇଭର ଫେରାର ରହିଛନ୍ତି। ତାଙ୍କୁ ଧରିବା ଲାଗି ତନାଘନା ଚାଲିଛି। ଏହି ସାମଗ୍ରୀ ଚୋରି ଘଟଣାରେ ଦଫା ୩-ଏ, ଏଆର୍‌ପିଏଫ୍ ଅନୁଯାୟୀ ଏକ ମାମଲା (ନଂ ୧୪/୧୯) ରୁଜୁ କରାଯାଇଛି। ଭଦ୍ରକ ଆର୍‌ପିଏଫ୍ ଆଇଆଇସି ସିଂ ଏହି ସୂଚନା ଦେଇ କହିଛନ୍ତି ଯେ, ମଞ୍ଜୁରିରୋଡ଼ ଦେଇ ଯାତାୟାତ କରୁଥିବା ବିଭିନ୍ନ ଟ୍ରେନକୁ ଷ୍ଟେଶନରେ ଅଟକା ସେଥିରେ ସଂଲଗ୍ନ ପାର୍ସଲ ଭ୍ୟାନ ଖୋଲି ବିଭିନ୍ନ ପ୍ୟାକେଟରେ ଯାଉଥିବା ସାମଗ୍ରୀ ଚୋରି କରି ନିଆଯାଉଥିଲା। ପୂର୍ବରୁ ଏଭଳି ଚୋରି ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ପତ୍ତା ମିଳୁ ନ ଥିଲା। ମଙ୍ଗଳବାର ଭଦ୍ରକ ରେଳବାଇ ପୋଲିସର ଚଢାଉ ବେଳେ ଷ୍ଟେଶନ ପରିସରସ୍ଥିତ ଏକ କୋଠରିରୁ ଲୁଟ୍ ଦାମୀ ଶାଢି ଠାବ କରାଯିବାରୁ ରହସ୍ୟ ଉପରୁ ପର୍ଦ୍ଦା ହଟିଥିଲା। ଏ ନେଇ ଆହୁରି ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ସିଂ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ